THE SUNDAY SECTION OF NITIDIN



• ମନୋରଞ୍ଜନ
'ତୁମ ବିନା'ରେ ଅକ୍ଷୟ ଓ ଲକ୍ଷ୍ମୀଙ୍କ ବିବାହ ଉତ୍ସବ

୧୬ ପୃଷ୍ଠା

ନିତିଦିନ NITIDIN

# ନଜର

ରବିବାର ମ୍ୟାଗାଜିନ୍ | ରବିବାର, ୧ ସେପ୍ଟେମ୍ବର, ୨୦୨୪

# ମହିଳା ହିଂସା



# ସ୍ୱାମୀ ବିବେକାନନ୍ଦ

୩

■ ମନୋଜ କୁମାର ମହାପାତ୍ର



ଈଶ୍ୱର ହିଁ ସର୍ବସ୍ୱ। ମନ ଟାଣିନେଲା ଶ୍ରୀରାମକୃଷ୍ଣଙ୍କ ନିକଟକୁ। ସେ ହିଁ ଈଶ୍ୱର। ମାଆ କାଳୀ ତାଙ୍କର ପ୍ରାର୍ଥନା ଶୁଣନ୍ତି। ମୁଁ କାହିଁକି ତାଙ୍କ ନିକଟରେ ଅଳି ନ କରିବି ମୋର ପରିବାରର ଦୁଃଖ ଦୁର୍ଦ୍ଦଶା ଲାଘବ ପାଇଁ। ପରିବାରର ଦାରିଦ୍ର୍ୟ ଚାଲିଗଲେ, ମୁଁ ସର୍ବତ୍ୟାଗୀ ସନ୍ନ୍ୟାସୀ ସାଜି ମୋ ଭାରତବର୍ଷର ଅଗଣିତ ଦୁଃଖିରଙ୍କିଙ୍କର ସେବା କରି ନିଜର ମାନବ ଜୀବନକୁ ସାର୍ଥକ କରିବି। ଭକ୍ତ ରହିପାରିଲେ ନାହିଁ। ଭଗବାନଙ୍କ ନିକଟରେ ଅଳି କରିବା ପାଇଁ ଦୌଡ଼ିଲେ ଦକ୍ଷିଣେଶ୍ୱର। ଶ୍ରୀରାମକୃଷ୍ଣଙ୍କ ନିକଟରେ ହାତଯୋଡ଼ି ପ୍ରାର୍ଥନା କରି କହିଲେ, 'ଠାକୁର, ମୋ ପରିବାରର ଦାରିଦ୍ର୍ୟ ଦୂର ପାଇଁ ଆପଣ ମା'ଙ୍କୁ କୁହନ୍ତୁ।' ଶ୍ରୀରାମକୃଷ୍ଣ ଭକ୍ତର ଆକୁଳ ପ୍ରାର୍ଥନା ଶୁଣି କହିଲେ, ବାବା, ମୁଁ ଏପରି ପ୍ରାର୍ଥନା କରିପାରିବି ନାହିଁ। ତୁ ନିଜେ ଯାଇ ମା' କାଳୀକୁ କହ।' 'ମୁଁ ଜାଣେ ନାହିଁ ମା'ଙ୍କୁ। ଆପଣ ମୋ ତରଫରୁ ତାଙ୍କୁ କୁହନ୍ତୁ। ସେ ଆପଣଙ୍କ କଥା ନିଶ୍ଚୟ ଶୁଣିବେ, ଯୁବକ ନରେନ୍ଦ୍ର ପ୍ରତ୍ୟୁତ୍ତର ଦେଲେ।'

'ବାବା, ତୁ ତ ମାଆଙ୍କୁ ବିଶ୍ୱାସ କରୁନା। ମୁଁ ଯେତେ କହିଲେ ସେ ତୋ କଥା ଶୁଣିବେ ନାହିଁ। ତୋର ଯେତେବେଳେ ତାଙ୍କ ଉପରେ ବିଶ୍ୱାସ ନାହିଁ, ତୋ କଥା ସେ କାହିଁକି ଶୁଣିବେ ? ଠିକ୍ ଅଛି ଆଜି ମଙ୍ଗଳବାର। ତୁ ଆଜି ରାତ୍ରରେ ତାଙ୍କ ନିକଟକୁ ଯାଇ, ସାଷ୍ଟାଙ୍ଗ ପ୍ରଣାମ କରି, ତୋର ଯାହା ଇଚ୍ଛା ବର ମାଗିପାର। ସେ ନିଶ୍ଚୟ ତୋର ପ୍ରାର୍ଥନା ଶୁଣିବେ। ସେ ଜ୍ଞାନଦାୟିନୀ- ବ୍ରହ୍ମମୟୀ ଯାହାଙ୍କର ଇଙ୍ଗିତରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ଚାଳିତ ତାଙ୍କ ପାଖକୁ ଗଲେ କେହି ଶୂନ୍ୟ ହସ୍ତରେ ଫେରେ ନାହିଁ।'

ଶ୍ରୀ ରାମକୃଷ୍ଣଙ୍କର ଆଶୀର୍ବାଦ ଗ୍ରହଣ କରି ଯୁବକ ନରେନ୍ଦ୍ର ଚାଲିଲେ କାଳୀ ମନ୍ଦିରକୁ। ମନରେ ଅପୂର୍ବ ଉନ୍ମାଦ - ମାଆ କାଳୀଙ୍କର ଜୀବନ୍ତ ରୂପ ଦର୍ଶନ କରିବେ। କେବଳ ସେତିକି ନୁହେଁ ତାଙ୍କ ସହ କଥା ହେବେ। ଯେଉଁ ପାଷାଣ ମୂର୍ତ୍ତିକୁ ସେ ମାଆ ବୋଲି କେବେ ବି ଗ୍ରହଣ କରୁନଥିଲେ ଏବଂ ଶ୍ରୀ ରାମକୃଷ୍ଣଙ୍କର ମା' କାଳୀଙ୍କ ସାକ୍ଷାତ କଥାବାର୍ତ୍ତାକୁ ମାନସିକ ଉନ୍ମାଦନା ବୋଲି କହି ହସରେ ଉଡ଼ାଇ ଦେଉଥିଲେ; ସେହି ମା' କାଳୀଙ୍କ ନିକଟକୁ ଆଜି ଯାଉଛନ୍ତି ରାତ୍ରରେ ନିଜର ଦୁଃଖ ଜଣାଇବାକୁ। ସେ ଆଜି ଅପୂର୍ବ ଆନନ୍ଦରେ ଶିହରିତ। ପାଷାଣ ମୂର୍ତ୍ତି ମା'କାଳୀ ଆଜି ଦୁଃଖ ଶୁଣିବେ ଏବଂ ବର ଦେବେ। ମନ୍ଦିରରେ ପହଞ୍ଚି ଯୁବକ ନରେନ୍ଦ୍ର ଯୋଡ଼ହସ୍ତରେ ଚାହିଁଲେ ମା' କାଳୀଙ୍କ ମୂର୍ତ୍ତିକୁ। କି ଆଶ୍ଚର୍ଯ୍ୟ ! ସାକ୍ଷାତ୍ ଚିନ୍ମୟୀ ଓ ଚୈତନ୍ୟମୟୀ ଭାବେ ସେ ଦଣ୍ଡାୟମାନ। ପ୍ରେମ, କରୁଣା ଓ ସୌନ୍ଦର୍ଯ୍ୟର ମୂର୍ତ୍ତିମୟୀ ଦେବୀ। ତାଙ୍କ କରୁଣାରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ହୋଇଉଠିଲା ଆନନ୍ଦମୟ। ଯୁବକ କରୁଣାମୟୀଙ୍କର ସାକ୍ଷାତ ଦର୍ଶନ ପାଇ ହେଲେ ବିଭୋର। ଭକ୍ତିର ସ୍ରୋତ ସମଗ୍ର ଶରୀରକୁ ଆପ୍ଲୁତ କଲା। ମା'କାଳୀଙ୍କ ସମ୍ମୁଖରେ ସାଷ୍ଟାଙ୍ଗ ପ୍ରଣିପାତ କରି ପ୍ରାର୍ଥନା କଲେ- 'ମାଆ, ମତେ ବିବେକ ଦିଅ, ତ୍ୟାଗ ଦିଅ, ଜ୍ଞାନ ଦିଅ, ଭକ୍ତି ଦିଅ। ସର୍ବଶେଷରେ ଏତିକି କରୁଣା କର ମା', ତୁମର ଦର୍ଶନ ମତେ ସଦାସର୍ବଦା ମିଳୁଥାଉ।' ଦେବୀଙ୍କ ଦର୍ଶନରେ ବିସ୍ମୃତ ହେଲେ ନିଜର ଅସ୍ତିତ୍ୱକୁ - ସାରା ସଂସାରକୁ। କେବଳ ଉପଲବ୍ଧି କଲେ ମା' କାଳୀ ତାଙ୍କର ହୃଦୟରେ ବିରାଜିତା। ଫେରି ଆସିଲେ ଶ୍ରୀ ରାମକୃଷ୍ଣଙ୍କ ନିକଟକୁ। କ'ଣ ମାଗିଲୁ ମା'ଙ୍କୁ ? ବର ଦେଲେ ତ ? ଶ୍ରୀ ରାମକୃଷ୍ଣଙ୍କର ପ୍ରଶ୍ନରେ ଯୁବକ ନରେନ୍ଦ୍ର ହେଲେ ପ୍ରକୃତିସ୍ଥ। ନା କିଛି ମାଗିପାରିଲି ନାହିଁ। ସବୁ ଭୁଲିଗଲି। ଉପାୟ କଣ କୁହନ୍ତୁ। ଶ୍ରୀ ରାମକୃଷ୍ଣ ହସିଦେଲେ। ତାଙ୍କୁ ପୁଣି ଥରେ ମା'କାଳୀଙ୍କ ପାଖକୁ ଯିବାକୁ ଆଦେଶ ଦେଲେ।

ଯୁବକ ନରେନ୍ଦ୍ର ଆଦେଶକୁ ଶିରୋଧାର୍ଯ୍ୟ କରି ମା'କାଳୀଙ୍କ ନିକଟରେ ପୁନଶ୍ଚ ପହଞ୍ଚିଲେ। ସେହି ଭୁବନମୋହିନୀ କରୁଣାମୟୀ - ଆନନ୍ଦଦାୟିନୀ ଚିନ୍ମୟୀ ରୂପୀ ମା' କାଳୀଙ୍କର ଦର୍ଶନ କରି ନରେନ୍ଦ୍ରଙ୍କର ଅନ୍ତରରେ ଭକ୍ତିର ସ୍ରୋତ ଏଥର ପ୍ରବଳ ବୋହିବାକୁ ଲାଗିଲା ଯଦ୍ଦ୍ୱାରା ନିଜର ଲକ୍ଷ୍ୟକୁ ସମ୍ପୂର୍ଣ୍ଣ ରୂପେ ଭୁଲିଗଲେ। ମା'ଙ୍କ ପାଦ ପଦ୍ମରେ ପ୍ରଣିପାତ କରି ପ୍ରେମ ଓ ଭକ୍ତି କେବଳ ମାଗି ଲେଉଟି ଆସିଲେ ଶ୍ରୀରାମକୃଷ୍ଣଙ୍କ ନିକଟକୁ। ଦ୍ୱିତୀୟ ଥର ବି ମାଗିପାରିଲେ ନାହିଁ ଶୁଣି ଶ୍ରୀ ରାମକୃଷ୍ଣ ବିରକ୍ତ ହୋଇ କହିଲେ, 'କେମିତିକା ଭାବହୀନ ପିଲାଟାଏ ତୁ। ଏହି କେଇପଦ କଥା ତୁ ମନେ ରଖିପାରି କହିପାରିଲୁନି। ହେଉ ହେଲା। ଏଥର ଯାଇ ତୁ ଶୀଘ୍ର ତାଙ୍କୁ କହ। ଡେରି କରନା। ତୃତୀୟ ଥର ମା'କାଳୀଙ୍କ ମନ୍ଦିରରେ ପହଞ୍ଚିଲାରୁ ଏକ ଅଭିନବ ଭାବନାରେ ତାଙ୍କର ହୃଦୟ ମନଭରି ଉଠିଲା। ଛି ! କି ହୀନବୁଦ୍ଧି ମୋର। ଜଗତ୍‌ଜନନୀ ମା'ଙ୍କ ପାଖରୁ ମୁଁ କ'ଣ ଏଡ଼େ ଟିକେ ହେୟ ବସ୍ତୁ ମାଗିବାକୁ ଆସିଛି। ଧିକ୍ ମୋ ଜୀବନ। ସାରୁ, ଲାଉ, କଖାରୁ ଦୟାଶୀଳ ରାଜାଙ୍କ ପାଖରୁ ମାଗିବା ଯାହା ଜଗତ୍‌ଜନନୀଙ୍କ ଠାରୁ ଦାରିଦ୍ର୍ୟରୁ ନିସ୍ତାର ପାଇବା ପାଇଁ ପ୍ରାର୍ଥନା କରିବା ସେଇୟା,' ଲଜ୍ଜ୍ୟାରେ ଯୁବକଙ୍କର ମୁଖ ହେଲା ଅବନତ। ମାଆଙ୍କ ସମ୍ମୁଖରେ ସାଷ୍ଟାଙ୍ଗ ପ୍ରଣିପାତ କରି ମାଗିଲେ, 'ମା' ମୋର କିଛି ଆବଶ୍ୟକ ନାହିଁ। କେବଳ ମତେ ଜ୍ଞାନ ଓ ଭକ୍ତିଦିଅ।' **(କ୍ରମଶଃ)**

**ଫୋନ୍-୯୯୩୭୨୯୭୦୩୯**

# ସପ୍ତପୁରୀ ଅମାବାସ୍ୟା

■ ଯୁଧିଷ୍ଠିର ମହାରଣା




ଭାଦ୍ରବ ମାସର ଅମାବାସ୍ୟାକୁ ସପ୍ତପୁରୀ ଅମାବାସ୍ୟା ବା କୁଶଗ୍ରହଣୀ ଅମାବାସ୍ୟା ନାମରେ ପାଳନ କରାଯାଏ। ଏହି ଅମାବାସ୍ୟା ତିଥିରେ ଓଡ଼ିଶା ଜାତିର ଆରାଧ ଭଗବାନ ଜଗନ୍ନାଥଙ୍କ ଠାରେ ସପ୍ତପୁରୀ ଭୋଗ ଲାଗିଥାଏ। ଶ୍ରୀଜୀଉଙ୍କର ଏହି ଦିନ ବିଶେଷ ପୂଜାନୀତି ଅନୁଷ୍ଠିତ ହେବା ସହ ସେବାୟତଙ୍କ ଦ୍ୱାରା ଏକ ବଡ଼ ସପ୍ତପୁରୀ ପ୍ରସ୍ତୁତ କରାଯାଇ ଠାକୁରଙ୍କ ଠାରେ ଭୋଗଲାଗି ହୋଇଥାଏ। ଏହାକୁ ସପ୍ତପୁରୀ ତାଡ଼ ମଧ କୁହାଯାଇଥାଏ। ହିନ୍ଦୁଧର୍ମର ପରମ୍ପରାରେ ଅନେକ ପ୍ରକାର ପୂଜାକାର୍ଯ୍ୟରେ କୁଶ ବ୍ୟବହାର କରାଯାଇଥାଏ। ପ୍ରତ୍ୟେକ ଗୃହସ୍ଥ ଏହି ଅମାବାସ୍ୟା ଦିନ କୁଶଗୁଡ଼ିକ ସଂଗ୍ରହ କରିଥାନ୍ତି। ସୂର୍ଯ୍ୟ ଉଦୟ ସମୟରେ ଉତ୍ତର କିମ୍ବା ପୂର୍ବାଭିମୁଖୀ ହୋଇ କୁଶ ହାତରୁ ବାହାର କରାଯାଇଥାଏ। ବର୍ଷତମାମ କରାଯାଇଥିବା ପୂଜା ଏବଂ ଧାର୍ମିକ କାର୍ଯ୍ୟରେ ଉପଯୋଗ ହୋଇଥିବା ଶାସ୍ତ୍ରରେ ଦଶ ପ୍ରକାରର କୁଶ ବିଷୟରେ ବର୍ଣ୍ଣନା କରାଯାଇଛି। ଅମାବାସ୍ୟା ତିଥିର ସୀମା ବା ଉପାସିତା ଦେବତା ହେଉଛନ୍ତି ପିତୃଦେବ। ସେଥିପାଇଁ ପିତୃଦେବଙ୍କ ତୃପ୍ତି ନିମନ୍ତେ ଏହି ଦିନ ତର୍ପଣ,ଦାନପୁଣ୍ୟ ଆଦି କରାଯାଏ। ଅମାବାସ୍ୟା ଦିନ ସୋମବାର, ମଙ୍ଗଳବାର ଏବଂ ଗୁରୁବାର ହୋଇଥିଲେ ତଥା ଅନୁରାଧା, ବିଶାଖା ଏବଂ ସ୍ୱାତି ନକ୍ଷତ୍ର ଯୋଗ ସୃଷ୍ଟି ହୋଇଥିଲେ ଏହାକୁ ପବିତ୍ର ତିଥି ଭାବେ ଗ୍ରହଣ କରାଯାଇଥାଏ। ଏହାକୁ ଦୃଷ୍ଟିରେ ରଖି କୁଶାଗ୍ରହଣୀ ଅମାବାସ୍ୟା ଦିନ ତୀର୍ଥ, ସ୍ନାନ, ଜପ, ତପ ଏବଂ ବ୍ରତ କରିବା ଦ୍ୱାରା ପାପ ଦୂର ହୋଇ ପୁଣ୍ୟ ବଳରେ ଋଣ ଆଦି ପୀଡ଼ାରୁ ମୁକ୍ତି ପ୍ରାପ୍ତ ହୁଏ। ସଂଯମ, ସାଧନା ଏବଂ ତପ ନିମନ୍ତେ ଏହା ଶ୍ରେଷ୍ଠ ଦିନ ବୋଲି ବିଶ୍ୱାସ କରାଯାଏ।



ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ର-ଜ୍ଞବସକ୍ଷ :
ହଙ୍କଯକ୍ଷସସ୍ୱପ୍ସରକ୍ସ୦୦୯ଜ୍ଞକ୍ଷଷବକ୍ସବଭବଅଶଙ୍କବସକ୍ଷ.ମକ୍ଷଙ୍କ

ପ୍ରଚ୍ଛଦ

**ଆଜିକାଲି ସମାଜରେ ଯେତେ ପ୍ରକାର ବ୍ୟଭିଚାର ଚାଲିଛି, ସେ ମଧ୍ୟରୁ ଦୁଷ୍କର୍ମ ମଧ୍ୟ ସେମିତି ଏକ ସାମାଜିକ କଳଙ୍କ। ସମାଜ ଆଉ ପୁରୁଷ ପ୍ରଧାନ ହୋଇ ରହି ନଥିଲେ ବି ନାରୀଙ୍କ ପ୍ରତି କିନ୍ତୁ ଅତ୍ୟାଚାରର ପରିମାଣ ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧି ପାଇଚାଲିଛି। ଦିନକୁଦିନ ଏତେ ପରିମାଣରେ ମହିଳାମାନେ ଅତ୍ୟାଚାରରେ ସମ୍ମୁଖୀନ ହେଉଛନ୍ତି ଯେ ତାହା ମୁଣ୍ଡବ୍ୟାଥାର କାରଣ ପାଲଟିଛି। ପ୍ରତ୍ୟେକ ପରିବାରରେ ମହିଳା ମୁଖ୍ୟ ଭୂମିକା ନିଭାଉ ଥିବାବେଳେ ଜାୟା, ଜନନୀ, ଭଗିନୀ ରୂପରେ ରହିଥାନ୍ତି। ଏମିତି ଏକ ସମୟ ଆସିବ ନାହିଁ ଯେ ଆମ ପରିବାରର କେହି ନା କେହି ମହିଳା ସେମିତି ଅତ୍ୟାଚାରରେ ସମ୍ମୁଖୀନ ନହେବେ, କିଏ କହିବ। ତେଣୁ ସାମାଜିକ ସ୍ତରରେ ସଚେତନତାର ଆବଶ୍ୟକତା ରହିଛି। ମହିଳାମାନେ କିଭଳି ଭାବରେ ସୁରକ୍ଷିତ ରହିପାରିବେ, ସେଥିପାଇଁ ସମସ୍ତେ ପ୍ରୟାସ କରିବା ସହ ସଚେତନ ହେବା ନିହାତି ଦରକାର। ସମାଜରେ ମହିଳାମାନେ ସୁରକ୍ଷିତ ରହିଲେ ସୁସ୍ଥସମାଜର ପରିକଳ୍ପନା ସମ୍ଭବ ହୋଇପାରିବ। ସୁସ୍ଥ ସମାଜ ଗଠନ ହେଲେ ଦେଶର ଭବିଷ୍ୟତମାନେ ବ୍ୟଭିଚାରୀ କି ଦୁର୍ନୀତିଗ୍ରସ୍ତ ହେବେ ନାହିଁ। ଦେଶ ଯେତେବେଳେ ସୁସ୍ଥତା ଆଡ଼କୁ ଗତି କରିବ, ସେତେବେଳେ ପରିକଳ୍ପନାର ରାମରାଜ୍ୟ ଆପଣାଛାଏଁ ଗଠନ ହୋଇଯିବ। ମହିଳାଙ୍କ ପ୍ରତି ବଢୁଥିବା ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବା ସମସ୍ତଙ୍କର ପ୍ରଧାନ କର୍ତ୍ତବ୍ୟ ରହିବା ଦରକାର।**



# ମହିଳା ହିଂସା



## ଦୁଷ୍କର୍ମ କାହିଁକି ?

ଦୁଷ୍କର୍ମକୁ ନେଇ ଅନେକ ପ୍ରକାର ମତ ପ୍ରକାଶ ପାଉଥିଲେ ବି ଏହା ଏକ କଳଙ୍କିତ ଓ କୁତ୍ସିତ କାର୍ଯ୍ୟ ଭାବରେ ସମାଜରେ ବିବେଚନା କରାଯାଇଥାଏ। ସବଳ ଉପରେ ଦୁର୍ବଳର ଅତ୍ୟାଚାର ବିଶେଷ କରି ନିଜର କାମନାର ତୃଷ୍ଣା ମେଣ୍ଟାଇବା ପାଇଁ ଯେତେବେଳେ ମଣିଷ ଭୁଲ କରିବସେ ଓ କାହାକୁ ବାଧ୍ୟବାଧକତାରେ ନିଜର ଯୌନ ସୁଖ ପାଇଁ ବ୍ୟବହାର କରେ, ସେତେବେଳେ ଏହା ଦୁଷ୍କର୍ମରେ ପରିଣତ ହୋଇଥାଏ। ବାଚନିକ, ଶାରୀରିକ, ପାଶବିକ ଭାବରେ ଦୁଷ୍କର୍ମକୁ ପ୍ରୋତ୍ସାହିତ କରୁଥିବା ଦେଖାଯାଇଥାଏ। ଜଣେ ଅଭିଯୁକ୍ତ କଲେବଲେ କୌଶଳେ ଏହି ପ୍ରୟାସ କରିଥାଏ, ସଫଳ ହେବା ପାଇଁ ଚେଷ୍ଟା କରିଥାଏ। ସମାଜରେ ନିଶାସେବନ, ଅପସଂସ୍କୃତି, ପାଶ୍ଚତ୍ୟକରଣ ପାଇଁ ଅନେକ ପ୍ରକାର ବିକୃତ ଚିନ୍ତାଧାରା ମନ ଭିତରେ ଆସିଥାଏ। ତାହାକୁ ରୂପ ଦେବାକୁ କେବଳ ଅଶିକ୍ଷିତ କାହିଁକି ଶିକ୍ଷିତ ଲୋକମାନେ ବି ପଛାଇଯାଇନଥାନ୍ତି। ଦୁଷ୍କର୍ମ, ନାରୀ ଉପରେ ପୁରୁଷର ପାଶବିକତାକୁ କୁହାଯାଉଥିବାବେଳେ ଏହାର ସଂଜ୍ଞା ମଧ୍ୟ ବଦଳିଗଲାଣି। ଏହି ଯୌନାଚାରରେ ପୁରୁଷ-ପୁରୁଷ, ନାରୀ-ନାରୀ, ତଥା ନାରୀମାନେ ମଧ୍ୟ ପୁରୁଷଙ୍କୁ ଦୁଷ୍କର୍ମ କରୁଥିବାର ମାମଲା ଦେଖିବାକୁ ମିଳିଲାଣି। ସବୁପରେ ବି ଏହା ଏକ ମାନବ ଜାତିର ଏକ କୁତ୍ସିତ କାରନାମା ବୋଲି ବୁଝିବାକୁ ପଡ଼ିବ।



## ରେପ୍ କଲଚର କଣ ?

ପୁରୁଷ ପ୍ରଧାନ ସମାଜରେ ନାରୀକୁ ଅନେକ ସମୟରେ ଉପଭୋଗ୍ୟ ବସ୍ତୁ ଭାବରେ ବିବେଚନା କରାଯାଏ। ତେଣୁ ଅନେକ ସମୟରେ ପୁରୁଷଟିଏ ନିଜର ବୁଦ୍ଧି, ବଳ, ପ୍ରତିପତ୍ତି ଦେଖାଇ ମହିଳାଙ୍କ ଇଚ୍ଛା ବିରୋଧରେ ଯୌନସୁଖ ହାସଲ କରିବା ପାଇଁ ଚେଷ୍ଟା କରିଥାଏ। ଏଥିରେ ମହିଳାଟିଏ ଚାପରେ ହେଉ ଅବା ଯେକୌଣସି କାମ ହାସଲ ପାଇଁ ଯାଇ ଯୌନ ନିର୍ଯାତନାର ଶିକାର ହୁଏ। ଅନେକ ସମୟରେ କ୍ଷମତାଶାଳୀ ଲୋକମାନେ ଏହି କଲଚରକୁ ବେଶ ଭଲଭାବରେ କାର୍ଯ୍ୟକାରୀ କରିବାର ଦେଖାଯାଇଥାଏ। ଘରେ କାମବାଲୀ ହେଉ କି ଅଫିସରେ ସହକର୍ମୀ କି ତଳସ୍ତରର କର୍ମୀ, କ୍ଷମତାର ଆଳଦେଖାଇ କାମ ହାସଲ କରିବାର ଲୋଭ ଦେଖାଇ ସିନେମା, ଶିଳ୍ପ, ଶିକ୍ଷାନୁଷ୍ଠାନରେ ମହିଳାକର୍ମଚାରୀଙ୍କୁ ଏଭଳି ଯୌନାଚାର କରିବାକୁ ବାଧ୍ୟ କରାଯାଇଥାଏ। ଫଳରେ  ମହିଳାମାନେ ଅନେକ କ୍ଷେତ୍ରରେ ମୁହଁ ଖୋଲିବାକୁ ପସନ୍ଦ କରି ନଥାନ୍ତି। ଲୋକଲଜ୍ଜାକୁ ଡ଼ରି ସେମାନେ ଚୁପ୍‌ଚାପ୍ ରହିଯାଇଥାନ୍ତି। ବିଶେଷକରି ଏଭଳି କାଣ୍ଡମାନ ସିନେମା, ସିରିଏଲ, ଆଲବମ୍ ଆଦି କ୍ଷେତ୍ରରେ ଅଧିକ ପରିମାଣରେ ଦେଖିବାକୁ ମିଳିଥାଏ। ଅନେକ ଶିକ୍ଷାନୁଷ୍ଠାନରେ ଶିକ୍ଷକ କି ଅଧ୍ୟାପକମାନେ ଏହି ରେପ୍ କଲଚରରେ ଶିକାର ହୋଇଥାନ୍ତି। ସେମାନେ ଜୈନିକ ଛାତ୍ରୀ ବା ସେମାନଙ୍କର ମାଆମାନଙ୍କୁ ଏହି ଟ୍ରାପ୍‌ରେ ପକାଇବାକୁ ପସନ୍ଦ କରିଥାନ୍ତି। ସିନେମା ଦୁନିଆରେ ଅନେକ କ୍ୟାରିୟର କରିବାକୁ ଆସି ଏହି ରେପ୍ କଲଚରରେ ଶିକାର ହୋଇଥାନ୍ତି। ପରବର୍ତ୍ତୀ ସମୟରେ ଶିକ୍ଷିତ ମହିଳାମାନେ ଏହି କଲଚର ବିରୋଧରେ ମୁହଁ ଖୋଲିବାକୁ ପସନ୍ଦ କରିଥିଲେ। ନିଜ ପ୍ରତି ହେଉଥିବା ନିର୍ଯାତନାକୁ ସେ ଦୃଢ଼ ହସ୍ତରେ ଦମନ କରିବାକୁ ଚେଷ୍ଟା କରିଥିଲେ।  ଯାହାର ଉଦାହରଣ ମଧ୍ୟରେ ମି ଠୁ ଓ ସ୍ଲଟ୍‌ୱାକ୍‌କୁ ନିଆଯାଇପାରେ।

## ମି ଠୁ କଣ ?

ମି ଠୁ ହେଉଛି ଯୌନ ନିର୍ଯାତନାକୁ ବିରୋଧ କରି ସ୍ୱର ଉତ୍ତୋଳନ କରିବା ଯାହା ୨୦୦୬ ମସିହାରେ ସାମାଜିକ ଗଣମାଧ୍ୟମରେ ଏଭଳି ଶବ୍ଦ ଓ ଆନ୍ଦୋଳନ ଦେଖାଯାଇଥିଲା। ମି ଠୁ କୁ ନେଇ ଅତୀତରେ ଅନେକ ଝଡ଼ ଗଣମାଧ୍ୟମରେ ଉଠିଛି। ଦେଶବିଦେଶରେ ମହିଳାମାନେ ନିଜ ସ୍ୱାଧୀକାର ବଜାୟ ରଖିବାକୁ ଏହି ସ୍ୱର ଉତ୍ତୋଳନ କରିଛନ୍ତି। ଅନେକ ସମୟରେ ମହିଳାମାନେ ବିଭିନ୍ନ କର୍ମକ୍ଷେତ୍ରରେ ଉପରିସ୍ଥ କର୍ମଚାରୀଙ୍କ ଯୌନ ନିର୍ଯାତନାର ଶିକାର ହୋଇଥାନ୍ତି। ସେମାନଙ୍କୁ କୌଣସି ବିଶେଷ ସୁବିଧା ସୁଯୋଗ ଦେବା ଆଳରେ ଯୌନଶୋଷଣ କରିଥାନ୍ତି। ଦେଶ ହେଉକି ବିଦେଶରେ ଅନେକ ଚର୍ଚ୍ଚିତ ଚେହେରାମାନେ ଏହି ମି ଠୁର କଳଙ୍କିତ ଅଧ୍ୟାୟରେ ନିଜର ନାଁ ଯୋଡ଼ି ଦେଇଛନ୍ତି। ସହମତି ନଥାଇ ଶାରୀରିକ ସମ୍ପର୍କ କିମ୍ବା ଯେକୌଣସି ଆପତ୍ତିଜନକ ଆଚରଣ, ଇଙ୍ଗିତ ଏହି ପର୍ଯ୍ୟାୟରେ ନିଆଯାଇପାରେ। ଏହା ରେପ୍ କଲଚରକୁ ବିରୋଧ କରୁଥିବା ଏକ ଆନ୍ଦୋଳନ କହିଲେ ଭୁଲ ହେବନାହିଁ। ମହିଳାମାନେ ମୁହଁ ଖୋଲିବାକୁ ଅନେକ ନେତ୍ରୀ ଆହ୍ୱାନ କରୁଥିବାର ଦେଖାଯାଇଥାଏ।

## ସ୍ଲଟ୍‌ୱାକ୍:

ସ୍ଲଟ୍‌ୱାକ୍ ୨୦୧୧ ମସିହାରେ ଟରୋଣ୍ଟୋରେ ଆନ୍ଦୋଳନର ରୂପ ନେଇଥିଲା। ଅନେକ ମହିଳା ଅର୍ଦ୍ଧଲଗ୍ନ ପୋଷାକ ପିନ୍ଧି ରାଜରାସ୍ତାକୁ ଓହ୍ଲାଇ ଆସିଥିଲେ। ଜଣେ ମହିଳା ପୋଲିସ କର୍ମଚାରୀଙ୍କ ମନ୍ତବ୍ୟକୁ ନେଇ ଏହାର ବିରୋଧ କରାଯାଇଥିଲା। ଦୁଷ୍କର୍ମ ହ୍ରାସ କରିବାକୁ ହେଲେ ମହିଳାମାନଙ୍କୁ ନଗ୍ନ ପୋଷାକ ପାଇଁ ବାରଣ କରିବା ଦରକାର। ମହିଳାଙ୍କର ପୁରୁଷମାନଙ୍କ ଭଳି ପୂର୍ଣ୍ଣ ସ୍ୱାଧୀନତା ଥିବା କଥା କହି ଏହି ମନ୍ତବ୍ୟକୁ ବିରୋଧ କରିବା ସହ ରାଜରାସ୍ତାକୁ ଓହ୍ଲାଇଥିଲେ। ଫେମିନିଜମ୍ ନାଁରେ  ମହିଳାମାନେ ନଗ୍ନ ପୋଷାକ ପିନ୍ଧିବା କଥାକୁ ସମର୍ଥନ କରିବା ଯଦିଓ ଅନେକଙ୍କୁ ଅଡୁଆ ଲାଗିଥିଲା। ଏହା ରେପ୍ କଲଚରକୁ ବିଲୋପ କରିବା ପାଇଁ କୁହାଯାଉଥିବା ବେଳେ ଏହାର








ସାଇକୋଲୋଜି କଣ ବୁଝିବା ବି କଷ୍ଟ ହୋଇଥିଲା ସେତେବେଳେ।

## ହ୍ୟୁମାନ ଟ୍ରାଫିକିଂ କଣ ?

ଏହା ଏକ ଧର୍ତ୍ତବ୍ୟ ଅପରାଧ ଭାବରେ ପରିଗଣିତ ହୋଇଥାଏ । ବେଆଇନ ଭାବରେ ମହିଳାମାନଙ୍କୁ କୌଣସି ସ୍ଥାନକୁ ଚାଲାଣ କରିବା ଓ ମନ୍ଦ ଉଦ୍ଦେଶ୍ୟ ରଖି ଏହି କାର୍ଯ୍ୟ କରିବାକୁ ହ୍ୟୁମାନ ଟ୍ରାଫିକିଂ ବୋଲି କୁହାଯାଇଥାଏ। ଏହି ହ୍ୟୁମାନ ଟ୍ରାଫିକିଂରେ ମହିଳାମାନଙ୍କୁ ଯୌନ ଯାତନା ଭୋଗ କରିବାକୁ ପଡ଼ିଥାଏ। କ୍ରୀତଦାସ ପ୍ରଥା ଭଳି ଏହା ଏକ କଳଙ୍କିତ ପ୍ରଥା। ମହିଳାମାନଙ୍କୁ ଯୌନଚାରରେ ଲିପ୍ତ କରିବାକୁ ସେମାନଙ୍କୁ ବଳପ୍ରୟୋଗ କରି ହେଉ ଅବା ଚାକିରି ଲୋଭ ଦେଖାଇ ହେଉ କିମ୍ବା ଅନ୍ୟାନ୍ୟ କୌଣସି ବାଟରେ ସେମାନଙ୍କୁ ଫସାଇ ଏହିସବୁ ହୀନ କାର୍ଯ୍ୟରେ ବ୍ୟବହାର କରାଯାଇଥାଏ। ସେମାନଙ୍କୁ ଏଭଳି ଭାବରେ ନିର୍ଯାତନା ଦିଆଯାଇଥାଏ ଓ ବନ୍ଦୀ ଭଳି ଜୀବନ ବିତାଇବାକୁ ପଡ଼ିଥାଏ, ସେମାନେ ମୁକୁଳିବା ସମ୍ଭବ ହୋଇ ନଥାଏ। ନେପାଳ ଓ ବାଙ୍ଗଲାଦେଶରୁ ଅନେକ ଲଳନାମାନଙ୍କୁ ଭାରତକୁ ଅଣାଯାଇ ଏଭଳି କାମରେ ଲଗାଯାଏ ବୋଲି ଏକ ସର୍ବେକ୍ଷଣରୁ ଜଣାଯାଇଛି। ଯାହାକୁ ଅନେକ ଦେହଜୀବୀର ଆଖ୍ୟା ଦେଇଥାନ୍ତି। କେବଳ ନେପାଳ କି ବାଙ୍ଗଲାଦେଶ ନୁହେଁ ଅନ୍ୟାନ୍ୟ ଦେଶରୁ ମଧ୍ୟ ବିଦେଶୀ ମହିଳାମାନଙ୍କୁ ଅନେକ ପ୍ରଭାବଶାଳୀ ଦଲାଲମାନେ ଆଣି ଏହି କାମରେ ନିୟୋଜିତ କରିଥାନ୍ତି। ଏହି ହୀନକାର୍ଯ୍ୟରେ ଅନେକ ନାବାଳିକାମାନଙ୍କୁ ନିୟୋଜିତ କରିବା ଆମ ଦେଶରେ ମଧ୍ୟ ଦେଖାଯାଇଥାଏ। ଅନେକ ରେଡ ଲାଇଟ୍ ଏରିଆରେ ଏଭଳି ଅନେକ ନାବାଳିକାଙ୍କୁ ଟ୍ରାଫିକିଂରେ ସାମିଲ କରାଯାଇଥାଏ। ବିଭିନ୍ନ କଳକାରଖାନା, କୃଷିକ୍ଷେତ୍ରର ମହିଳା କର୍ମଚାରୀ, ଭିକାରି, ଘରେ କାମ କରୁଥିବା କାମବାଲୀ ଓ ସନ୍ତ୍ରାସବାଦୀମାନେ ଏହି ଟ୍ରାଫିକିଂରେ ମହିଳାଙ୍କୁ ସାମିଲ













କରିଥାନ୍ତି।

## ଏସ୍‌କର୍ଟ ସର୍ଭିସ:

ଯୌନ ନିର୍ଯାତନା ମଧ୍ୟ ଏବେ ନୂଆ ତରିକାରେ ଦେଖିବାକୁ ମିଳିଲାଣି। ଅନ୍‌ଲାଇନ୍ ଜରିଆରେ ଦେହ ବେପାରକୁ ପ୍ରୋତ୍ସାହିତ କରୁଥିବା କେତେକ ସଂସ୍ଥା ଏସ୍‌କର୍ଟ ସର୍ଭିସ ନାଁରେ ମହିଳାମାନଙ୍କୁ ଗୋପନରେ ଯୋଗାଇଥାନ୍ତି। ଫଳରେ ଅନେକ ମହିଳା ଏହି ସଂସ୍ଥାରେ ଚାକିରି କରିବା ନାଁରେ ଶୋଷିତ ହୋଇଥାନ୍ତି। ଗରାଖଙ୍କୁ ସନ୍ତୁଷ୍ଟ କରିବା ଲକ୍ଷ୍ୟରେ ଅନେକ ପ୍ରକାର ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥାଏ। ବେଳେବେଳେ ବି ଗଣଦୁଷ୍କର୍ମ ଓ ହତ୍ୟା ଭଳି କାର୍ଯ୍ୟ ମଧ୍ୟ ଘଟୁଥିବାର ଦେଖାଯାଇଛି। ଏହି ଏସ୍‌କର୍ଟ ସର୍ଭିସ ନାଁରେ ନୂଆ ପ୍ରକାର କଲଚର ଦେଖିବାକୁ ମିଳିଲାଣି। ଜିଗୋଲୋ ଅର୍ଥାତ ଯାହାକୁ ପୁରୁଷ ବେଶ୍ୟା ବୋଲି କୁହାଯାଉଛି, ତାହା ମଧ୍ୟ ଏହି ଏସ୍‌କର୍ଟ ସର୍ଭିସ ନାଁରେ ଚାଲୁଥିବା ଏକ ପ୍ରକାର ଦେହ ବ୍ୟବସାୟ। ମସାଜ୍ ଏକ୍ସପର୍ଟ ମଧ୍ୟ ଏହି କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରୁଥିବା ଏକ କାର୍ଯ୍ୟଧାରା।

## ନର୍କ ଓ ନିଖୋଜ ନାବାଳିକା:

ଦେଶରେ ନାବାଳିକା ନିଖୋଜର ଖବର ନୂଆ ନୁହେଁ କିନ୍ତୁ ଏହାର ପରିମାଣ ଏତେ ମାତ୍ରାରେ ବୃଦ୍ଧି ପାଇଲାଣି ଯେ ଏହା ମୁଣ୍ଡବ୍ୟଥାର କାରଣ ପାଲଟିଲାଣି। ଆମ ରାଜ୍ୟରେ ପରୀ କି ପୀହୁ ନୁହେଁ ଏମିତି ହଜାର ହଜାର ନାବାଳିକା ନିଖୋଜ ହେବାର ରେକର୍ଡ଼ ଭାରତ ସାରା ବିଶ୍ୱକୁ ଟପିଯାଇଛି। ବିଶ୍ୱରେ ୫୬ ମିଲିୟନ ନିଖୋଜ ନାବାଳିକା ମଧ୍ୟରୁ ୪.୬ ଲକ୍ଷ କେବଳ ଭାରତର। ନାବାଳିକାମାନଙ୍କୁ କେତେକ କ୍ଷେତ୍ରରେ ମହିଳାଙ୍କ ହାର କମ୍ ଥିବା ଅଞ୍ଚଳରେ ବିବାହ ପାଇଁ ବ୍ୟବହାର କରାଯାଉଥିବାବେଳେ କେତେକ ବୟସ୍କଙ୍କୁ ବିବାହ କରିବାକୁ ବାଧ୍ୟ କରାଯାଇଥାଏ। ଏହାର ହାର ବାର୍ଷିକ ୩୩ହଜାରରୁ କମ୍ ହୋଇ ନଥାଏ ।

## ଦୁଷ୍କର୍ମକାରୀଙ୍କ ପାଇଁ ଭିନ୍ନ ଦେଶରେ ଭିନ୍ନ ଦଣ୍ଡ:

**ସାଉଦି ଆରବ-**ଏହି ଦେଶରେ ଦଣ୍ଡବିଧାନ ଟିକେ କଡ଼ାକଡ଼ି ଭାବରେ ପାଳନ କରାଯାଏ। ଦୁଷ୍କର୍ମକାରୀଙ୍କ ଲିଙ୍ଗଛେଦନ କରାଯିବା ସହିତ ଫାଶୀଦେବାର ବ୍ୟବସ୍ଥା ରହିଛି। ଯେଉଁମାନେ ସାଧାରଣତଃ ଏହି ଅପରାଧରେ ଜଡ଼ିତ ହୋଇଥାନ୍ତି, ସେମାନଙ୍କ ମୁଣ୍ଡକାଟି ସର୍ବଜନ ସମ୍ମୁଖରେ ହତ୍ୟା କରାଯାଇଥାଏ।

**ଇରାନ-**ଦୁଷ୍କର୍ମକାରୀଙ୍କୁ ଫାଶୀ ଦେବାର ବ୍ୟବସ୍ଥା ରହିଛି। କେବେ କେବେ ମଧ୍ୟ ପୀଡ଼ିତାର ଅନୁମତି ନିଆଯାଇ ଦଣ୍ଡକୁ ଟିକେ କୋହଳ କରାଯାଇଥାଏ, ତାହା ଅତିକମ୍‌ରେ ଆଜୀବନ କାରାବାସ ହୋଇଥାଏ।

**ପୋଲାଣ୍ଡ-**ଏହି ଦେଶରେ ଦୁଷ୍କର୍ମକାରୀଙ୍କୁ ବଣୁଆ ଘୁଷୁରୀ ଦ୍ୱାରା ଆକ୍ରମଣ କରାଯାଇଥାଏ। କିନ୍ତୁ ଏବେ ନୂଆ ନିୟମ ବଳରେ ପୁରୁଷମାନଙ୍କୁ ଫାଶୀ ଦିଆଯାଇଥାଏ କେତେକ ସ୍ଥଳରେ ଅଳ୍ପଦୋଷ କରିଥିବା ବ୍ୟକ୍ତିବିଶେଷଙ୍କୁ ନପୁଂସକ କରାଯାଇଥାଏ।

**ଉତ୍ତର କୋରିଆ-**ଏହି ଦେଶରେ ଦୁଷ୍କର୍ମକାରୀଙ୍କୁ ମୃତ୍ୟୁଦଣ୍ଡ ତ ଦିଆଯାଇଥାଏ କିନ୍ତୁ ସର୍ବଜନ ସମ୍ମୁଖରେ ଗୁଳି ମାରି ଦିଆଯାଏ।

**ଚୀନ୍-** ଚୀନରେ ଦୁଷ୍କର୍ମକାରୀଙ୍କ ପାଇଁ କଡ଼ାକଡ଼ି ନିୟମ ରହିଛି। ଆଇନ କାନୁନ ଅପେକ୍ଷା ମେଡ଼ିକାଲ ରିପୋର୍ଟକୁ ହିଁ ଗୁରୁତ୍ୱ ଦିଆଯାଇଥାଏ । ମେଡ଼ିକାଲ ରିପୋର୍ଟରୁ ପ୍ରମାଣିତ ହୋଇଗଲେ ଅତି ଶୀଘ୍ର ଦୁଷ୍କର୍ମକାରୀଙ୍କୁ ଦଣ୍ଡ ଦିଆଯାଇଥାଏ।

**ଇରାକ-**

ଏହି ଦେଶରେ ଦୁଷ୍କର୍ମକାରୀଙ୍କୁ ଭିନ୍ନ ପ୍ରକାର ଦଣ୍ଡଦେବାର ବ୍ୟବସ୍ଥା କରାଯାଇଥାଏ। ଏମିତି ଏକ ଉଦାହରଣ ସୃଷ୍ଟି କରାଯାଏ ଯେପରି ଅନ୍ୟ କୌଣସି ଲୋକ ପରବର୍ତ୍ତୀ ମୁହୂର୍ତ୍ତରେ ଦୁଷ୍କର୍ମ କରିବାକୁ ମନ ବଳାଇବ ନାହିଁ। ଦୋଷୀଙ୍କୁ ସର୍ବଜନ ସମ୍ମୁଖରେ୍ ମୃତ୍ୟୁ ହେବା ଯାଏ ପଥର ମାଡ କରାଯାଇଥାଏ।

ଭାରତ-ଆମ ଦେଶ ଏକ ଗଣତାନ୍ତ୍ରିକ ଦେଶ ହୋଇଥିବାରୁ ଦୁଷ୍କର୍ମ ମାମଲା ଅନେକଦିନ ଧରି କୋର୍ଟରେ ଚାଲିଥାଏ। ଫଳରେ ପୀଡ଼ିତା ନ୍ୟାୟ ପାଇବାରେ ବିଳମ୍ବ ହୋଇଥାଏ। ବେଳେବେଳେ ଏମିତି ହୋଇଥାଏ ଯେ ପୀଡ଼ିତା ନ୍ୟାୟପାଇବା ପୂର୍ବରୁ ଦୁଷ୍କର୍ମକାରୀର ମଧ୍ୟ ମୃତ୍ୟୁ ହୋଇସାରିଥାଏ । ଦୁଷ୍କର୍ମକାରୀଙ୍କୁ ଦଣ୍ଡଦେବାରେ ଆମଦେଶ ବହୁପଛରେ ରହିଥିବା କାରଣରୁ ଯେତେସବୁ ଅପରାଧ ସଂଘଟିତ ହୋଇଥାଏ, ତା ମଧ୍ୟରୁ ଦୁଷ୍କର୍ମ ମାମଲା ଅଧିକ ଥାଏ।

## କଣ ରହିଛି ମତ:

-ମହିଳାଙ୍କ ସୁରକ୍ଷା ପୁରୁଷବର୍ଗଙ୍କ ଉପରେ ନିର୍ଭର କରେ। ଘରୋଇ ହିଂସା ହେଉ ଅବା ବାହାରେ ସବୁଥିରେ ଜଣେ ପୁରୁଷ ହିଁ ମୁଖ୍ୟ ଭୂମିକା ନେଇଥାଏ। ଯଦି ଜଣେ ପୁରୁଷ ନାରୀଙ୍କ ପ୍ରତି ଥିବା ଦାୟିତ୍ୱ ଭୁଲିଯାଏ, ତେବେ ମହିଳାଙ୍କ ପ୍ରତି ହେଉଥିବା ନିର୍ଯାତନା ବଢ଼ିବ ସିନା କମିବ ନାହିଁ। ଝିଅଙ୍କୁ ଯେଭଳି ଭାବରେ ବିଭିନ୍ନ କଟକଣା ବାବଦରେ ଶିକ୍ଷା ଦିଆଯାଏ, ପୁଅଙ୍କୁ ମଧ୍ୟ ସେମିତି ଶିକ୍ଷା ଦେବା ଦରକାର। ଜଣେ ମହିଳାଙ୍କ ପ୍ରତି ଅଶାଳୀନ ବ୍ୟବହାର କଲେ, କିଭଳି ଦଣ୍ଡ ବ୍ୟବସ୍ଥା ରହିଛି ଓ ଏହା ପରିବାର ପାଇଁ କେତେ ଅପମାନର କଥା ବୁଝାଇବା ଦରକାର। ପୁଅଙ୍କୁ ନୈତିକ ଶିକ୍ଷା ଦେବା ଦରକାର। ସାମାଜିକ ବିଧିବ୍ୟବସ୍ଥା ସୁଧାରିବାକୁ ହେଲେ ପୁରୁଷମାନେ ସଚେତନ ହେବାର ଆବଶ୍ୟକତା ରହିଛି।

**-ଲିଙ୍କନ ସୁବୁଦ୍ଧି, ସମାଜସେବୀ**

-ମହିଳା ନିର୍ଯାତନା ପୁରୁଷମାନେ ଦୋଷୀ ପ୍ରଥମେ ମାନିବାକୁ ପଡ଼ିବ। କାରଣ ଜଣେ ଦୋଷ କରିଛି ମାନେ ଦଣ୍ଡବିଧାନର ଆବଶ୍ୟକତା ବି




ରହିଛି। କିନ୍ତୁ ଯଦି ଆଉ ଏକ ଗର୍ହିତ କଥାକୁ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଏ ନାରୀଟିଏର ମଧ୍ୟ ଏ କ୍ଷେତ୍ରରେ ଭୂମିକା ରହିଥାଏ। ଯେତେବେଳେ କୌଣସି ନିର୍ଯାତନା ଘଟଣା ଘଟେ, ଏହାର ପାରିପାର୍ଶ୍ୱିକ ପରିବେଶ, ପରିସ୍ଥିତି, ସମୟକୁ ଆଲୋଚନାକୁ ଅଣାଯାଇପାରେ। ଅନେକ କଥା ଏହା ପଛରେ ଲୁଚି ରହିଥାଏ, ଯାହାକି ଏ ଘଟଣା ପୂର୍ବରୁ ଅନେକ କାରଣ ଜଡ଼ିତ ହୋଇ ରହିଥାଏ। ଜଣେ ଝିଅ ଘଟଣା ଘଟିବା ପୂର୍ବରୁ ଅନେକ ଆଭାସ ମଧ୍ୟ ପାଇଥାଏ, ଯାହାକୁ ବେଖାତିର କରିବା ଉଚିତ ନୁହେଁ। ନିଜର ସୁରକ୍ଷା ଦିଗରେ ଆପାତତଃ ଏକଥାକୁ ଗୁରୁତ୍ୱ ଦେବା ଦରକାର।

**-ଅବିନାଶ ଗନ୍ତାୟତ, ମନସ୍ତତ୍ତ୍ୱବିତ୍**

-ମହିଳାମାନେ ଯେଉଁ ଦୁଷ୍କର୍ମରେ ଶିକାର ହେଉଛନ୍ତି, ତାହାର ପ୍ରକୃତ କାରଣ ଖୋଜିବା ଦରକାର। ଘଟିଥିବା ଘଟଣା ସହିତ ମହିଳାଙ୍କ ଭୂମିକା କଣ ରହୁଛି, ତାହା ବି ବିଚାରକୁ ନେବା ଦରକାର। ମହିଳାମାନେ ନିଜକୁ ସୁରକ୍ଷା ଦେବାକୁ କିଭଳି ପଦକ୍ଷେପ ଗ୍ରହଣ କରିବେ, ତାହା ମଧ୍ୟ ଜାଣିବା ଦରକାର। ଦେଖାଯାଉଛି ଅନେକ ଶିକ୍ଷିତ ମହିଳା ଏଭଳି ନିର୍ଯାତନାରେ ଅଧିକ ଶିକାର ହେଉଛନ୍ତି। ପୁରୁଷଙ୍କୁ ଦୋଷ ଦେବା ପୂର୍ବରୁ ମହିଳାମାନେ ନିଜର କର୍ମକ୍ଷେତ୍ର ହେଉ ଅବା ଘର, ସବୁବେଳେ ନିଜର ଅଧିକାର, ସୁରକ୍ଷାକୁ ଗୁରୁତ୍ୱ ଦେବା ଦରକାର।

**-ଅଙ୍କିତ ମିଶ୍ର, ଆଇନ ଛାତ୍ର**

ଫ୍ୟାସନ୍

# ବିଭିନ୍ନ ପ୍ରକାରର ଚୁଡ଼ି ଡିଜାଇନ୍

ଆଜିକାଲି ଫ୍ୟାଶନ୍‌ରେ ବିଭିନ୍ନ ଡିଜାଇନ୍‌ର ଚୁଡ଼ି ମିଳୁଛି। ମହିଳା ବା ଯୁବତୀମାନେ ନିଜର ଷ୍ଟାଇଲିସ୍‌କୁ ନିଆରା କରିବା ପାଇଁ ଏହି ଚୁଡ଼ି ବ୍ୟବହାର କରିପାରିବେ। ଏହି ଚୁଡ଼ିକୁ ବିବାହ ଉତ୍ସବ, ପାର୍ଟି କିମ୍ବା ଫଙ୍କସନରେ ମ୍ୟାଚିଙ୍ଗ୍ ଶାଢ଼ି, ଜୁଏଲାରୀ ସହିତ ପେୟାର୍ କଲେ ଆପଣଙ୍କୁ ଏକ ସୁନ୍ଦର ଲୁକ୍ ଦେଇଥାଏ। ଯେମିତିକି ମିରର୍ ୱାର୍କ, ଚେନ୍ ଲଟକନ୍, ଘୁଙ୍ଗୁର ୱାର୍କର ବିଭିନ୍ନ ଡିଜାଇନ୍ ବଜାରରେ ଉପଲବ୍ଧ। ଏହି ଚେନ୍ ଲଟକନ୍ ବା ମିରର୍ ୱାର୍କ ଚୁଡ଼ି ଏବେ ଟ୍ରେଣ୍ଡ ରହିଛି। କେବଳ ଏତିକି ନୁହେଁ, ଆପଣ ଏହାକୁ ଯେକୌଣସି ପୋଷାକ ସହିତ ପିନ୍ଧିପାରିବେ।

## ଚେନ୍ ଲଟକନ୍ ଚୁଡ଼ି

ଚେନ୍ ଲଟକନ୍ ଚୁଡ଼ି ଏବେ ଟ୍ରେଣ୍ଡି ଏବଂ ଷ୍ଟାଇଲିସ୍‌ରେ ରହିଛି। ଏହି ପ୍ରକାରର ଚୁଡ଼ି ଡିଜାଇନ୍‌ରେ ସୂକ୍ଷ୍ମ ଚେନ୍ ସହିତ ଲଟକନ୍‌କୁ ଯୋଡ଼ା ଯାଇଥାଏ। ଏହିସବୁ ଚୁଡ଼ି ସାଧାରଣ ୱାର୍କଠାରୁ ହେବି ୱାର୍କ ଡିଜାଇନ୍ ସହିତ ଉପଲବ୍ଧ। ଏହି ଚୁଡ଼ି ସାଧାରଣତଃ ଗୋଲ୍ଡେନ୍, ସିଲ୍‌ଭର ଏବଂ ଗୋଲାପୀ ରଙ୍ଗର ମିଳିଥାଏ। ଆପଣ ନିଜ ପସନ୍ଦ ଏବଂ ପୋଷାକ ଅନୁଯାୟୀ ରଙ୍ଗ ବାଛିପାରିବେ। ଏଗୁଡ଼ିକୁ ଶାଢ଼ି, ଲେହେଙ୍ଗା ଏବଂ ଏଙ୍କାଲି ସୁଟ୍ ସହିତ ପିନ୍ଧିଲେ ସୁନ୍ଦର ଦେଖାଯିବେ।

## କୁନ୍ଦନ ୱାର୍କ ଚୁଡ଼ି

କୁନ୍ଦନ ୱାର୍କ ଚୁଡ଼ିରେ ରଙ୍ଗ-ବେରଙ୍ଗ ଷ୍ଟୋନ୍ ଲାଗିଥାଏ। ଏହି ଚୁଡ଼ି ଆପଣଙ୍କୁ ଏକ ରୟାଲ୍ ଲୁକ୍ ଦେବ। ଏହି କୁନ୍ଦନର ଚୁଡ଼ି ବା ଜୁଏଲାରୀ ବ୍ରାଇଡ୍‌ସମାନେ ଅଧିକ ପସନ୍ଦ କରିଥାନ୍ତି। କୁନ୍ଦନ ଚୁଡ଼ି ସହିତ ବିଭିନ୍ନ ରଙ୍ଗର ଚୁଡ଼ିକୁ ମଧ୍ୟ ମିକ୍ସ ମ୍ୟାଚ୍ କରି ଲଗାଇପାରିବେ।







## ଝାଲର ଲଟକନ୍ ଚୁଡ଼ି

ଝାଲର ଲଟକନ୍ ଚୁଡ଼ିରେ ଛୋଟ ଛୋଟ ଝାଲରରେ ଟାସେଲ୍ ଥାଏ ଯାହା ଚୁଡ଼ିକୁ ଏକ ସ୍ୱତନ୍ତ୍ର ଲୁକ୍ ଦେଇଥାଏ। ଏହି ଡିଜାଇନ୍ ଖାସ୍‌କରି ପାରମ୍ପରିକ ଏବଂ ଫେଷ୍ଟିଭାଲ୍ ଆଉଟ୍‌ଫିଟ୍ ସହ ବହୁତ ସୁନ୍ଦର ଦେଖାଯାଏ। ଏହିସବୁ ଚୁଡ଼ିଗୁଡ଼ିକ ଗୋଲ୍ଡେନ୍, ସିଲ୍‌ଭର ଏବଂ ରଙ୍ଗୀନ ଷ୍ଟୋନ୍‌ର ଲଟକନ୍ ସହିତ ଆସିଥାଏ। ଏହି ଚୁଡ଼ିରେ ବିଭିନ୍ନ ରଙ୍ଗର ଷ୍ଟୋନ୍ ଯଥା ନାଲି, ସବୁଜ, ନୀଳ, ଏବଂ ହଳଦିଆ ରଙ୍ଗ ଉପଲବ୍ଧ, ଯାହା ଚୁଡ଼ିର ସୌନ୍ଦର୍ଯ୍ୟକୁ ବଢ଼ାଇଥାଏ। ଝାଲର ଲଟକନ୍ ଚୁଡ଼ିକୁ ଶାଢ଼ି, ଲେହେଙ୍ଗା, ଗାଉନ୍ ଓ ଚୋଲି ସହ ପରଫେକ୍ଟ ମ୍ୟାଚ୍ ହୋଇଥାଏ। ଏହା ଆପଣଙ୍କୁ ଏକ ପାରମ୍ପରିକ ସହିତ ଗ୍ଲାମରସ୍ ଲୁକ୍ ମଧ୍ୟ ଦେଇଥାଏ।

## ଘୁଙ୍ଗୁର୍ ଲଟକନ୍ ଚୁଡ଼ି

ଆପଣ ଛୋଟ ଛୋଟ ଘୁଙ୍ଗୁର୍‌ବାଲା ଚୁଡ଼ି ପିନ୍ଧି ପାରିବେ। ଏଥିରେ ଲାଗିଥିବା ଘୁଙ୍ଗୁର୍‌ରୁ ହାଲୁକା ଧ୍ୱନି ସୃଷ୍ଟି କରିଥାଏ। ଏହି ଡିଜାଇନ୍ ବହୁତ ସୁନ୍ଦର ଏବଂ ଆକର୍ଷଣୀୟ। ଏହି ଚୁଡ଼ିକୁ ମଧ୍ୟ ଶାଢ଼ୀ, ଲେହେଙ୍ଗା ଏବଂ ସାଲୱାର-କୁର୍ତ୍ତା ସହିତ ପେୟାର୍ କଲେ ବହୁତ ଭଲ ଦେଖାଯାଏ। ଏହା ଆପଣଙ୍କୁ ଏକ ଗ୍ଲାମରିସ୍ ଲୁକ୍ ପ୍ରଦାନ କରିଥାଏ।



ରୋଷେଇ ଘରୁ

# ଚିକେନ୍ ସେଜୱାନ୍ ସ୍ପ୍ରିଙ୍ଗ୍ ରୋଲ

## ଆବଶ୍ୟକ ସାମଗ୍ରୀ:

ବୋନ୍ ଲେସ୍ ଚିକେନ୍-୨୫୦ଗ୍ରାମ୍, କଟା ବନ୍ଧାକୋବି ଅଧା କପ, ଗାଜର ଅଧା କପ, ସ୍ପ୍ରିଙ୍ଗ ଓନିଅନ୍-୨ଚାମଚ, କ୍ୟାପିସ୍‌କମ୍ ଅଧା କପ୍, ଗୋଲମରିଚ ପାଉଡ଼ର୍-୧ଚାମଚ, ତେଲ, ଲୁଣ, ରସୁଣ-୧୦ରୁ୧୨କଳି, ସେଜୱାନ୍ ସସ୍-୧ଚାମଚ, ସୋୟା ସସ୍-୨ଚାମଚ, ଚିଲ୍ଲି ଫ୍ଲେକ୍-୧ଚାମଚ, ମଇଦା-୧କପ।



## ପ୍ରଣାଳୀ:

ପ୍ରଥମେ ଚିକେନ୍‌ରେ ଲୁଣ, ଗୋଲମରିଚ ପାଉଡ଼ର ଦେଇ ସିଝା ହାଲୁକା ଭାବେ ଗ୍ରାଇଣ୍ଡ କରିନେବେ। ପ୍ୟାନ୍‌ରେ ତେଲ ଦେଇ ରସୁଣ ଭାଜନ୍ତୁ। ଏହାପରେ ଏଥିରେ ସିଝା ଚିକେନ୍ ପକାଇ ଭାଜନ୍ତୁ। ଚିକେନ୍ ପକାଇବା ପରେ ଏଥିରେ ସମସ୍ତ ପରିବା ପକାଇ ଭାଜନ୍ତୁ। ଏହାକୁ ଅଳ୍ପ କ୍ରିସ୍ପି ହେବା ଯାଏ ବାଟନ୍ତୁ। ଭାଜି ହେବା ପରେ ଏଥିରେ ସୋୟା ସସ୍, ସେଜୱାନ୍ ସସ୍, ଗୋଲମରିଚ ପାଉଡ଼ର, ଚିଲ୍ଲି ଫ୍ଲେକ୍, ଲୁଣ ପକାଇ ଗୋଳାନ୍ତୁ। ଏହିସବୁ ମିଶିବା ପରେ ଏହାକୁ ସାଇଡ୍‌ରେ ରଖନ୍ତୁ। ଗୋଟିଏ ଗିନାରେ ମଇଦା, ଲୁଣ, ତେଲ ଦେଇ ଚକଟି ନେଇ ପତଳା ରୁଟି ଭାବେ ବେଲିବେ। ବର୍ତ୍ତମାନ ସ୍ପ୍ରିଙ୍ଗ ରୋଲ୍‌ସିଟ୍‌ରେ ଏହାକୁ ପୁର ପରି ଦେଇ ଗୁଡ଼ାନ୍ତୁ। ଉଭୟ କଡ଼ରୁ ଏହାକୁ ଭାଙ୍ଗି ରୋଲ୍ ପ୍ରସ୍ତୁତ କରନ୍ତୁ। ପ୍ୟାନ୍‌ରେ ତେଲ ଗରମ ହେଲା ପରେ ଏହାକୁ ବ୍ରାଉନ୍ କଲର୍ ହେବା ପର୍ଯ୍ୟନ୍ତ ଛାଣିବେ। ଏହି ଚିକେନ୍ ସେଜୱାନ୍ ସ୍ପ୍ରିଙ୍ଗ୍ ରୋଲ୍‌କୁ ଟମାଟୋ ସସ୍ ସହିତ ଖାଇ ପାରିବେ।

# ସାପ୍ତାହିକ ରାଶିଫଳ

ସେପ୍ଟେମ୍ବର ୧-୭



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ, ମୋବାଇଲ୍: ୯୭୭୭୨୫୨୨୪୦

**ମେଷ:** ସପ୍ତାହଟି କର୍ମକ୍ଷେତ୍ରରେ ଉନ୍ନତି, ବ୍ୟବସାୟରେ ଲାଭବାନ ହେବା ସହିତ ସାମାଜିକ ମାନସମ୍ମାନ ବୃଦ୍ଧି ପାଇବ। ଧନ ଲାଭର ସୁଯୋଗ ଆସିବ। ପାରିବାରିକ ସହଯୋଗ ମିଳିବ। ନୂତନ ଦ୍ରବ୍ୟଲାଭ ହେବ। ମହିଳାମାନେ ଆନନ୍ଦିତ ହେବେ।

**ବୃଷ:** ସପ୍ତାହଟି ବ୍ୟବସାୟରେ ସଫଳତା ମିଳିବ। ବିରୋଧୀମାନେ ହଇରାଣ କରିବାର ସମ୍ଭାବନା ଅଧିକ । ପାରିବାରିକ ଅଶାନ୍ତି, ମାନସିକ ଅଶାନ୍ତି ବୃଦ୍ଧି ପାଇବ। ଅର୍ଥବ୍ୟୟ ହେବାର ସମ୍ଭାବନା ଅଧିକ। ବନ୍ଧୁ ସହଯୋଗ ମିଳିବ।

**ମିଥୁନ:** ସପ୍ତାହଟି ଅର୍ଥଲାଭର ସୁଯୋଗ ଆସିବ। ଶତ୍ରୁମାନେ ପରାଜିତ ହେବେ । ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ। ଭାତୃବିବାଦ ଦେଖା ଦେଇପାରେ, ମହିଳାମାନେ ସୁଖୀ ହେବେ। ବ୍ୟବସାୟରେ ଲାଭବାନ ହେବ।

**କର୍କଟ:** ସପ୍ତାହଟି ଆର୍ଥିକ ଅବସ୍ଥା ସୁଦୃଢ଼ ହେବ। ମାନସମ୍ମାନ ବୃଦ୍ଧି ପାଇବ। ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ମିଳିବ। ବାଦବିବାଦ ବୃଦ୍ଧି ପାଇବ। ସନ୍ତାନମାନଙ୍କ ପାଇଁ ଚିନ୍ତିତ ରହିବେ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ସଫଳତା ଲାଭ କରିବେ।

**ସିଂହ:** ସପ୍ତାହଟି ଅବରୋଧ ହୋଇଥିବା କାର୍ଯ୍ୟରେ ଉନ୍ନତି ହେବ। ଇଚ୍ଛା କରୁଥିବା କାର୍ଯ୍ୟରେ ସଫଳତା ଲାଭ କରିବେ। ଗୃହ, ଭୂମି, କ୍ରୟର ସୁଯୋଗ ଆସିବ। ବେକାରମାନଙ୍କୁ କର୍ମସଂସ୍ଥାନ ମିଳିବ। ପାରିବାରିକ ଅସନ୍ତୋଷ ବୃଦ୍ଧି ପାଇବ।

**କନ୍ୟା:** ସପ୍ତାହଟି କର୍ମକ୍ଷେତ୍ରରେ ବାଧାବିଘ୍ନ ଦୂର ହେବ। ଅର୍ଥଲାଭର ସୁଯୋଗ ଆସିବ। ନୂତନଦ୍ରବ୍ୟ ଲାଭ କରିପାରନ୍ତି। ମାନସିକ ଶାନ୍ତି ମିଳିବ, ମାନସମ୍ମାନ ବୃଦ୍ଧି ହେବ। ବନ୍ଧୁ ସହଯୋଗ ମିଳିବ। ମହିଳାମାନେ ସୁଖୀ ହେବେ।

**ତୁଳା:** ସପ୍ତାହଟି ବ୍ୟବସାୟରେ ପ୍ରଚୁର ଲାଭ ହେବ। ନୂତନ କର୍ମସଂସ୍ଥାନ ପ୍ରାପ୍ତିର ଯୋଗ ଅଛି। ପାରିବାରିକ ସୁଖ ବୃଦ୍ଧି ହେବ। ଶତ୍ରୁମାନେ ପରାଜିତ ହେବେ। ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା କରିପାରନ୍ତି।

**ବିଛା:** ସପ୍ତାହଟି କଠିନ ପରିଶ୍ରମ ଦ୍ୱାରା ସଫଳତା ଲାଭ କରିବେ। ବିଶିଷ୍ଟ କାର୍ଯ୍ୟରେ ଉନ୍ନତି ହୋଇପାରେ। ଶାରୀରିକ ସୁସ୍ଥତା ବୃଦ୍ଧି ପାଇପାରେ, ପାରିବାରିକ ସହଯୋଗ ମିଳିବ। ବ୍ୟବସାୟରେ ସାମାନ୍ୟ ଲାଭ ହୋଇପାରେ।

**ଧନୁ:** ପ୍ତାହଟି କଠିନ ପରିଶ୍ରମ ଦ୍ୱାରା ସଫଳତା ଲାଭ କରିବେ। ବିଶିଷ୍ଟ କାର୍ଯ୍ୟରେ ଉନ୍ନତି ହୋଇପାରେ ଶାରୀରିକ ସୁସ୍ଥତା ବୃଦ୍ଧି ପାଇପାରେ, ପାରିବାରିକ ସହଯୋଗ ମିଳିବ। ବ୍ୟବସାୟରେ ସାମାନ୍ୟ ଲାଭ ହୋଇପାରେ।

**ମକର:** ସପ୍ତାହଟି କର୍ମକ୍ଷେତ୍ରରେ ଅଶାନ୍ତି, ବ୍ୟବସାୟରେ ବାଧାବିଘ୍ନ ଆସିବ। ଅପବ୍ୟୟ ସୂଚନା ମିଳେ। ଶତ୍ରୁବୃଦ୍ଧି ହେବେ। ମାଲିମକଦ୍ଦମାରେ ହଇରାଣ ହୋଇପାରନ୍ତି। ଛାତ୍ରଛାତ୍ରୀମାନଙ୍କର ଶିକ୍ଷା କ୍ଷେତ୍ରରେ ବାଧାବିଘ୍ନ ସୃଷ୍ଟି ହେବ।

**କୁମ୍ଭ:** ସପ୍ତାହଟି ବ୍ୟବସାୟରେ ଲାଭବାନ ହେବେ। ଧନ ସମ୍ପତ୍ତି ବୃଦ୍ଧି ପାଇପାରେ, ମାନ ସମ୍ମାନ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଉନ୍ନତି ହେବ। ବନ୍ଧୁ ସହଯୋଗ ମିଳିବ। ପାରିବାରିକ ଶାନ୍ତି ବୃଦ୍ଧି ପାଇବ।

**ମୀନ:** ସପ୍ତାହଟି ଆକସ୍ମିକ ଅର୍ଥ ଲାଭ ହେବ, ଧନଧାନ୍ୟ ବୃଦ୍ଧି ହେବ, ବନ୍ଧୁ ସହଯୋଗ ମିଳିବ। କର୍ମକ୍ଷେତ୍ରରେ ଉନ୍ନତି ହେବ। ମାନସମ୍ମାନ ବୃଦ୍ଧି ପାଇବ, ମହିଳାମାନେ ସୁଖୀ ହେବେ।

ପର୍ଯ୍ୟଟନ



# ସୁନାବେଡ଼ା

କୋରାପୁଟ ଜିଲ୍ଲାର ଘାଟି ଓ ଘଞ୍ଚ ଜଙ୍ଗଲ ମଧ୍ୟରେ ଅବସ୍ଥିତ ସୁନାବେଡ଼ା ସହର। ଏହି ସ୍ଥାନର ସବୁଜିମା ପର୍ଯ୍ୟଟକମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥାଏ। ତେଣୁ ଛୁଟି କଟେଇବା ପାଇଁ ସୁନାବେଡ଼ା ଏକ ଆଦର୍ଶ ସ୍ଥାନ ହୋଇପାରେ ଯେଉଁଠାରେ ବର୍ଷ ସାରା ପାଣିପାଗ ଅନ୍ୟ ସ୍ଥାନଗୁଡ଼ିକ ଅପେକ୍ଷା ଥଣ୍ଡା ଥାଏ। ସୁନାବେଡ଼ାର ସୁନ୍ଦର ପରିଦୃଶ୍ୟ ସହିତ ସେଠିକାର ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି। ସେଠାରେ ରଥ ଯାତ୍ରା, ବିଶ୍ୱକର୍ମା ପୂଜା, ଦଶହରା ଓ ଅନ୍ୟ ପର୍ବପର୍ବାଣିଗୁଡ଼ିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଏ। ପ୍ରତିବର୍ଷ ରଥ ଯାତ୍ରା ଅବସରରେ ସ୍ୱର୍ଣ୍ଣରଥ ନାମକ ଏକ ରଙ୍ଗିନ ପତ୍ରିକା ପ୍ରକାଶିତ କରାଯାଏ। ସୁନାବେଡ଼ା ଏକ ସୁନିୟୋଜିତ ସହର ଅଟେ ଯାହାର ନିର୍ମାଣ କରାଯାଇଥିବା ୧୯୬୫ରେ। ପର୍ଯ୍ୟଟକମାନେ ପୂରା ସହର ବୁଲିବୁଲି ଦେଖିବା ଉଚିତ। ସେଠାରେ ବାଘ ଅଭୟାରଣ୍ୟ ଠାରୁ ଆରମ୍ଭ କରି ଅନେକ ପୁରାତନ ମନ୍ଦିର ଅଛି।

କୋରାପୁଟ ସହର ଠାରୁ ୧୮ କି.ମି ଦୂରରେ ଅବସ୍ଥିତ ସୁନାବେଡ଼ା ଠାରେ ମିଗ୍ ୨୨ ଓ ସୁଖୋଇ ଯୁଦ୍ଧ ବିମାନ ଇଞ୍ଜିନ ଓ ଯନ୍ତ୍ରାଂଶ କାରଖାନା ଅବସ୍ଥିତ। ଏହି ସହରଟି ରୁଷୀୟ ପ୍ରଣାଳୀରେ ନିର୍ମିତ ହୋଇଥିବାରୁ ଖୁବ୍ ମନଲୋଭା। ପିଲାମାନେ ଖେଳିବା ପାଇଁ ଉଦ୍ଦିଷ୍ଟ ଶିଶୁ ଉଦ୍ୟାନ ଓ ମୃଗବିହାର ସେଠିକାର ମୁଖ୍ୟ ଆକର୍ଷଣ। ସମୁଦ୍ର ପତ୍ତନ ଠାରୁ ୩୦୦୦ ଫୁଟ୍ ଉଚ୍ଚରେ ଅବସ୍ଥିତ ସୁନାବେଡ଼ାର ଜଳବାୟୁ ଅଜବ ପ୍ରକାରର ମନୋରମ ଓ ସ୍ୱାସ୍ଥ୍ୟ ଅନୁକୂଳ। ସୁନାବେଡ଼ାର ମୁଖ୍ୟ ଆକର୍ଷଣ ମଧ୍ୟରେ ଅନ୍ୟତମ ବାଘ ଅଭୟାରଣ୍ୟ, ହାଲ୍‌ରେ ଏଭିଏସନ୍ ମ୍ୟୁଜିୟମ୍, ହରିଣ ପାର୍କ, ଟିମ୍ବର ବ୍ରିଜ୍ ଠାରେ ଜଳ ଭଣ୍ଡାରର ମନଲୋଭା ଦୃଶ୍ୟ। ପର୍ଯ୍ୟଟକମାନେ ସୁନାବେଡ଼ା ବୁଲିବା ପରେ କୋରାପୁଟରେ ସ୍ଥିତ ଅନ୍ୟ ଦର୍ଶନୀୟ ସ୍ଥାନଗୁଡ଼ିକର ଭ୍ରମଣ କରିପାରିବେ।

ଜୟପୁର-ଇତିହାସ ଓ ଆଧ୍ୟାତ୍ମିକତା ଦୃଷ୍ଟିରୁ ଜୟପୁରର ରହିଛି ସ୍ୱତନ୍ତ୍ର ପରିଚୟ। କୋରାପୁଟ ଠାରୁ ପାଖାପାଖି ୨୩ କି.ମି ଦୂରରେ ଜୟପୁର ଏକ ଐତିହ୍ୟସମ୍ପନ୍ନ ସ୍ଥାନ। ସୂର୍ଯ୍ୟବଂଶର ରାଜା ବିକ୍ରମ ଦେବଙ୍କ ପ୍ରସିଦ୍ଧ ସିଂହାସନ ସହିତ ଏହାର ଇତିହାସ ଜଡ଼ିତ ଅଛି। ସହରରେ ଅନେକ ପୁରାତନ ମହଲ, ମନ୍ଦିର ଓ ଅନ୍ୟ ଐତିହ୍ୟ ସ୍ଥଳ ସବୁ ରହିଛି। ତିନୋଟି ଦିଗରେ ତିନୋଟି ଶିଖରରେ ଶ୍ରୀ ଜଗନ୍ନାଥ, ଭଗବାନ ଶିବ ଓ ସ୍ୱାମୀ ବିବେକାନନ୍ଦଙ୍କୁ ସମର୍ପିତ ପ୍ରସିଦ୍ଧ ମନ୍ଦିର ରହିଛି। ଜୟପୁରର ଅନ୍ୟ ଏକ ଆକର୍ଷଣ କୋଲାବ ନଦୀର ବାଗରା ଝରଣା।

ଓନାକାଡ଼େଲୀ-ସୁନ୍ଦର ଦୃଶ୍ୟ ଓ ପ୍ରମୁଖ ତହସିଲ ଦ୍ୱାରା ପରିବେଷ୍ଟିତ ଏହା ଏକ ଛୋଟ ଓ ରମଣୀୟ ଗ୍ରାମ। ଜୟପୁର ଠାରୁ ଏହାର ଦୂରତା ୭୦ କି.ମି ଡୁଡୁମା ପାଖରେ ଅବସ୍ଥିତ। ଏହି ଶାନ୍ତ ସ୍ଥାନଟି ପ୍ରତି ଗୁରୁବାରରେ ଚଳଚଞ୍ଚଳ ହୋଇଉଠେ। ଏହାର କାରଣ ଗ୍ରାମୀଣ ଔଷଧୀୟ ବୃକ୍ଷ, ଜଙ୍ଗଲୀ ଫୁଲ, ପରିବା ଓ ସ୍ଥାନୀୟ ମଦ୍ୟର ବଜାର। ପର୍ଯ୍ୟଟକମାନେ ଘରକୁ ନେବା ପାଇଁ ସ୍ମୃତି ଚିହ୍ନ ଭାବରେ କିଛି ସାମଗ୍ରୀ କିଣି ନେଇପାରିବେ। ଏହି ବଜାର ବଣ୍ଡା, ମାଳି, କନ୍ଧଙ୍କ ପରି ଜନଜାତିଙ୍କୁ ଅଧିକ ଆକର୍ଷିତ କରିଥାଏ। ଆଗନ୍ତୁକମାନେ ଆଦିବାସୀ ଉତ୍ପାଦ ଓ କଳାଗୁଡ଼ିକୁ କିଣିବା ବ୍ୟତୀତ ଏହି ମାୟାବୀ ଜନଜାତିଙ୍କ ସହିତ କଥାବାର୍ତ୍ତା କରିବା ଓ ସେମାନଙ୍କର ଜୀବନଶୈଳୀ ବିଷୟରେ ଜାଣିବା ପାଇଁ ଆଗ୍ରହୀ ହୋଇଥାନ୍ତି।

ଦେବମାଳି-ଚୂନ ପଥରର ପାହାଡ଼ରେ ସ୍ଥିତ ଭଗବାନ ଶିବଙ୍କର ଗୁପ୍ତେଶ୍ୱର ଗୁମ୍ଫା ମନ୍ଦିର ଏକ ପୂଜନୀୟ ତୀର୍ଥସ୍ଥଳ। ଗୁପ୍ତେଶ୍ୱର ଅର୍ଥ ଲୁଚି ରହିଥିବା ଭଗବାନ। ଦୀର୍ଘଦିନ ଧରି ମନ୍ଦିରଟି ଗୁମ୍ଫା ଭିତରେ ଲୁଚି ରହିଥିବାରୁ ଏହାର ନାମ ଗୁପ୍ତେଶ୍ୱର ରଖାଯାଇଥିଲା। ୨୦୦ଟି ଶିଡ଼ି ଚଢ଼ିବା ପରେ କୌଣସି ବ୍ୟକ୍ତି ସେହି ଗୁମ୍ଫା ଭିତରେ ଥିବା ବିଶାଳ ଶିବଲିଙ୍ଗଙ୍କର ଦର୍ଶନ କରିପାରିବେ ଯେଉଁଟି ଏକ ବହୁ-କକ୍ଷୀୟ ସଂରଚନା। ଏହାର ପ୍ରବେଶ ଦ୍ୱାର ପାଖାପାଖି ୩ ମିଟର ଓସାର ଓ ୨ ମିଟର ଉଚ୍ଚ। ଦ୍ୱିତୀୟ ଗୁମ୍ଫା ଭିତରେ ରହିଛି ଏକ ବଡ଼ ଷ୍ଟାଲାକ୍ଟାଇଟ୍ ଯାହାକୁ ଭଗବାନ କାମଧେନୁଙ୍କ ସ୍ତନ୍ୟ ଭାବରେ ପୂଜା କରାଯାଏ।

ନନ୍ଦପୁର-କୋରାପୁଟ ସହରରୁ ୪୫ କି.ମି ଦୂରରେ ସ୍ଥିତ ନନ୍ଦପୁର ଯେଉଁଟି ଜୟପୁର ରାଜ୍ୟର ପୁରୁଣା ରାଜଧାନୀ ଥିଲା। ଏହା ନିଜର ଐତିହ୍ୟ ଓ ବତିଶ ସିଂହାସନ ପାଇଁ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ। ଏହାର ଇତିହାସ ସୂର୍ଯ୍ୟବଂଶର ସମ୍ରାଟ ବିକ୍ରମାଦିତ୍ୟଙ୍କ ସିଂହାସନ ସହିତ ଜଡ଼ିତ ରହିଛି। ସେଠିକାର ଅନ୍ୟ ଏକ ପ୍ରମୁଖ ଆକର୍ଷଣ ପାପଡ଼ାହାଣ୍ଡିରେ ସ୍ଥିତ ଶିବ ମନ୍ଦିର, ଭଗବାନ ଗଣେଶଙ୍କ ଛଅ ଫୁଟ୍ ଉଚ୍ଚ ଲାଲ୍ ରଙ୍ଗର ଆକର୍ଷକ ଛବି ଓ ଭୈରବନାଥଙ୍କ ମନ୍ଦିର। ଏହା ବ୍ୟତୀତ ଆଖପାଖରେ ଥିବା ଅନ୍ୟ କିଛି ପର୍ଯ୍ୟଟନ ସ୍ଥଳ ବୁଲି ଆପଣମାନେ ଦେଖିପାରିବେ।

କିପରି ଯିବେ-ସୁନାବେଡ଼ା ଓଡ଼ିଶାର ଅନ୍ୟ କ୍ଷେତ୍ରଗୁଡ଼ିକ ବ୍ୟତୀତ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ଆଖପାଖ କ୍ଷେତ୍ରଗୁଡ଼ିକ ସହିତ ସଡ଼କ, ରେଳ ଓ ଆକାଶ ପଥ ସହିତ ଜଡ଼ିତ ହୋଇ ରହିଛି।

କେବେ ଯିବେ-ସୁନାବେଡ଼ାର ପାଣିପାଗ ଅନୁକୂଳ ଥିବାରୁ ପର୍ଯ୍ୟଟକମାନେ ବର୍ଷର ସବୁ ସମୟରେ ସେଠାକୁ ଯାଇ ମନୋରମ ଦୃଶ୍ୟର ଆନନ୍ଦ ଉଠାଇ ପାରିବେ।





ମନୋରଞ୍ଜନ



# ବିଜୟଙ୍କ ଆକ୍ସନ: ଥ୍ରୀଲର

ଦକ୍ଷିଣ ଭାରତୀୟ ଅଭିନେତା ବିଜୟ ସେତୁପତିଙ୍କ ଆଗାମୀ ଫିଲ୍ମର ନାମ 'ବିଦୁଥଲାଇ-୨'। ଫିଲ୍ମଟି ଇଣ୍ଟରନ୍ୟାସନାଲ୍ ଫିଲ୍ମ ଫେଷ୍ଟିଭାଲ୍ ରୋଟରଡ୍ୟାମରେ ପ୍ରଦର୍ଶିତ ହୋଇଥିଲା। ଏବେ ଏହି ଫିଲ୍ମଟି ରିଲିଜ୍ ହେବ ଏ ବର୍ଷର ଶେଷ ଆଡ଼କୁ ଯାହାର ରିଲିଜ୍ ତାରିଖର ମଧ୍ୟ ଘୋଷଣା ହୋଇସାରିଛି। ୨୦୨୩ରେ ରିଲିଜ୍ ହୋଇଥିବା ଫିଲ୍ମ 'ବିଦୁଥଲାଇ'ରେ ବିଜୟ ସେତୁପତିଙ୍କ କାମକୁ ବେଶ୍ ପ୍ରଶଂସା କରାଯାଇଥିଲା। ଏବେ ଏହାର ଦ୍ୱିତୀୟ ପାର୍ଟକୁ ଫେଷ୍ଟିଭାଲରେ ମଧ୍ୟ ଖୁବ୍ ପ୍ରଶଂସା ମିଳିଛି। ଫିଲ୍ମଟି ୨୦ ଡିସେମ୍ବରରେ ୱାର୍ଲ୍ଡୱାଇଡ ଥିଏଟର୍ସରେ ରିଲିଜ୍ ହେବାକୁ ପ୍ରସ୍ତୁତ ହୋଇ ରହିଛି। ଏଥିରେ ବିଜୟଙ୍କ ବ୍ୟତୀତ ଭବାନୀ ଶ୍ରେ, ସୁରୀ, ସୂର୍ଯ୍ୟା ସେତୁପତି, ମଞ୍ଜୁ ୱାରିୟ ରାଜୀବ ମେନନ, ଅନୁରାଗ କଶ୍ୟପଙ୍କ ପରି କଳାକାରମାନେ ଅଛନ୍ତି। ଫିଲ୍ମଟି ହିନ୍ଦୀ, ଇଂରାଜୀ, ତେଲୁଗୁ ଓ ତାମିଲ ଭାଷାରେ ରିଲିଜ ହେବ। ୧୯୮୭ ମସିହାର ଜଣେ କନଷ୍ଟେବଲଙ୍କ କାହାଣୀ ଉପରେ ଫିଲ୍ମର ପ୍ରଥମ ଭାଗଟି ନିର୍ମାଣ କରାଯାଇଥିଲା। ଏବେ ଦ୍ୱିତୀୟ ଭାଗରେ ଏହାର ପରବର୍ତ୍ତୀ କାହାଣୀ ଦେଖିବାକୁ ପାଇବେ ଦର୍ଶକମାନେ।

# ବୋନସ୍ ଏପିସୋଡ୍‌ରେ ମୁନ୍ନା ଭୈୟା



ମିର୍ଜାପୁରର ତିନୋଟି ସିଜିନ୍‌କୁ ଦର୍ଶକମାନଙ୍କର ଭରପୂର ଭଲ ପାଇବା ମିଳିଛି। କିନ୍ତୁ ନିକଟରେ ରିଲିଜ୍ ହୋଇଥିବା ସିଜିନ୍‌ରେ ମୁନ୍ନା ଭୈୟାଙ୍କ ଅଭାବ ଦର୍ଶକମାନଙ୍କୁ ନିରାଶ କରିଥିଲା। ଏଥିପାଇଁ ଦର୍ଶକମାନେ ମୁନ୍ନା ଭୈୟାଙ୍କୁ ପୁଣି ଥରେ ମିର୍ଜାପୁର ଦୁନିଆରେ ସାମିଲ କରେଇବାକୁ ଚାହୁଁଛନ୍ତି। ଏହାର ଦଶଟି ଏପିସୋଡ୍‌ର ମଜା ଉଠାଇ ସାରିଥିବା ଦର୍ଶକମାନଙ୍କ ପାଇଁ ଏବେ ପ୍ରାଇମ୍ ଭିଡିଓ ବୋନସ୍ ଏପିସୋଡ୍ ନେଇ ଆସୁଛି ଯେଉଁଥିରେ ମୁନ୍ନା ଭୈୟା ନଜର ଆସିବେ। ପ୍ରାଇମ୍ ଭିଡିଓ ଜାରି କରିଥିବା 'ମିର୍ଜାପୁର-୩'ର ବୋନସ୍ ଏପିସୋଡର ଟିଜରରେ ମୁନ୍ନା ଭୈୟାଙ୍କୁ ଦେଖିବାକୁ ମିଳିଛି। ତେବେ 'ମିର୍ଜାପୁର' ସିଜିନ-୩ର ନିର୍ଦ୍ଦେଶନା ଦେଇଛନ୍ତି ଗୁରମିତ ସିଂହ ଓ ଆନନ୍ଦ ଆର୍ଯ୍ୟା। ୱେବ୍ ସିରିଜ୍‌ରେ ପଙ୍କଜ ତ୍ରିପାଠୀ, ଅଲୀ ଫଜଲ୍, ଶ୍ୱେତା ତ୍ରିପାଠୀ ଶର୍ମା, ରସିକା ଦୁଗ୍ଗଲ୍, ବିଜୟ ବର୍ମା, ଈଷା ତଲୱାର, ଅଞ୍ଜୁମ ଶର୍ମା, ପ୍ରିୟାଂଶୁ ପେନୟୁଲୀ, ହର୍ଷିତ ଶେଖର ଗୌଡ଼ଙ୍କ ପରି କେତେଜଣ ଶାନଦାର କଳାକାର ଅଛନ୍ତି।



# ଓଡ଼ିଆ ଫିଲ୍ମର ଆଉ ଏକ ଆଶା 'ଆଶ୍ରମ'



ଭଲ ଓଡ଼ିଆ ଫିଲ୍ମଟିଏ କରିବାପାଇଁ ମୁଁ ସବୁବେଳେ ଚେଷ୍ଟା କରି ଆସିଛି। ପୂର୍ବରୁ ଫିଲ୍ମ 'ଚକ୍ଷୁ ବନ୍ଧନ' ଓ 'ମାୟାବୀ' ଓଡ଼ିଶାରେ ହେଉଥିବା ଅନ୍ୟ ସିନେମା ଠାରୁ କିଛିଟା ଭିନ୍ନ ଥିଲା। ସୁପ୍ରସିଦ୍ଧ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ ମୋର ପୂର୍ବ ଫିଲ୍ମ 'ମାୟାବୀ' ର ନିର୍ଦ୍ଦେଶନା ଦେଇଥିଲେ। ଏବେ ଯେଉଁ ସିନେମାଟି ହୋଇଛି ତାହା ସମ୍ପୂର୍ଣ୍ଣ ମୌଳିକ କାହାଣୀ ଉପରେ ଆଧାରିତ। କାହାଣୀଟି ଜଣେ ଉଚ୍ଚଶିକ୍ଷିତା ମହିଳା ଆଇଏଏସ୍‌ଙ୍କ ଉପରେ ପର୍ଯ୍ୟବସିତ। ସମଗ୍ର ଚାକିରୀ ଜୀବନ ଦୃଢତାର ସହିତ କଟାଇବା ପରେ ନିଜର ଏକମାତ୍ର ଘରକୁ ସମାଜରେ ଅବହେଳିତ ଓ ପରିତ୍ୟକ୍ତ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ସମର୍ପି ଦେଇଛନ୍ତି। ଏହି କାହାଣୀଟି ମୋ ହୃଦୟକୁ ସ୍ପର୍ଶ କରିଛି। ଆଶା ଓ ବିଶ୍ୱାସ ଦର୍ଶକମାନଙ୍କୁ ନିଶ୍ଚୟ ସିନେମାଟି ଭଲ ଲାଗିବ। ଏହା କହିଛନ୍ତି ଅନିଶ ଏଣ୍ଟରଟେନ୍‌ମେଣ୍ଟ ପ୍ରସ୍ତୁତ 'ଆଶ୍ରମ-ଏକ ଆଶାର ଆଶ୍ରୟ' ଚଳଚ୍ଚିତ୍ରର ପ୍ରଯୋଜକ ତପନ କୁମାର ଦାଶ। ଫିଲ୍ମଟିର ସ୍ୱତନ୍ତ୍ର ପ୍ରଦର୍ଶନ କରାଯାଇଥିଲା ଯେଉଁଥିରେ ଉପସ୍ଥିତ ଥିଲେ ପ୍ରଯୋଜକ ତପନ କୁମାର ଦାସ, ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ, ଚିତ୍ରନାଟ୍ୟ ଓ ସଂଳାପକାର ଦିଲୀପ ଚୌଧୁରୀ, କ୍ରିଏଟିଭ ଉପଦେଷ୍ଟା ଶ୍ୟାମା ପ୍ରସାଦ ମିଶ୍ର, ସଂଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର, ଗୀତିକାର ବାପୁ ଗୋସ୍ୱାମୀ ପ୍ରମୁଖ। ଏହି ବିଶେଷ ପ୍ରଦର୍ଶନରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଶ୍ରୀ ପ୍ରଶାନ୍ତ ନନ୍ଦ ଓ ଫିଲ୍ମର ଅନ୍ୟ କଳାକାରମାନେ। ଏହି ସିନେମାରେ ରହିଛି ଚାରିଟି ଖୁବ ସୁନ୍ଦର ଗୀତ ଯେଉଁଗୁଡ଼ିକ ଶବ୍ଦରେ, ସ୍ୱରରେ ପରସ୍ପରଙ୍କ ଠାରୁ ସ୍ୱତନ୍ତ୍ର ଏବଂ ଅଭିନ୍ନ। 'ଅବର୍ଣ୍ଣନୀୟ ଜଗନ୍ନାଥ' ପରି ଏକ ଭାବମୟ ଭଜନ ଏଥିରେ ସ୍ଥାନିତ ହୋଇଛି, ଯାହାର ଶବ୍ଦ ପ୍ରାୟ ସାହିତ୍ୟାନୁରାଗୀ ଏବଂ ଆଧ୍ୟାତ୍ମବାଦୀ। ଅଭିଜିତ ମଜୁମଦାରଙ୍କ ସଂଗୀତର ଭିନ୍ନତା ଏଥିରେ ବାରି ହୋଇ ପଡୁଛି। ରୂପକଙ୍କ ଗାୟନ ଶୈଳୀ ମଧ୍ୟ ଚମତ୍କାର ଭାବ ପ୍ରକଟ କରୁଛି। 'ଅନିନ୍ଦିକା' ଆଉ ଏକ ସତେଜ ରୋମାଣ୍ଟିକ ଗୀତ। । ସୋହିନୀ ଏବଂ ଅସିତଙ୍କ ଗାୟନଶୈଳୀ ସତରେ ଏ ଗୀତକୁ ଜୀବନ୍ତ କରି ପାରିଛି।

# 'ଆଇ ଲଭ ୟୁ-ଟୁ'ର ଅଡିଓ ରିଲିଜ୍



୨୦୦୪ରେ ମୁକ୍ତି ଲାଭ କରିଥିଲା ବ୍ଲକ୍‌ବଷ୍ଟର ଫିଲ୍ମ 'ଆଇ ଲଭ ୟୁ'। ବର୍ତ୍ତମାନ ଏହାର ସିକ୍ୱେଲ୍ 'ଆଇ ଲଭ ୟୁ- ଟୁ' ଆଗାମୀ ଗଣେଶ ପୂଜାରେ ପରଦାକୁ ଆସିବ ଯାହାର ବଜେଟ୍ ରହିଛି ୧.୨ କୋଟି। ବସନ୍ତ ନାୟକ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନର୍ ଅନ୍ତର୍ଗତ ନିର୍ମିତ ତଥା ଟୁଟୁ ନାୟକଙ୍କ ନିବେଦିତ ବହୁ ପ୍ରତୀକ୍ଷିତ ସିନେମା 'ଆଇ ଲଭ ୟୁ-ଟୁ'ର ସଙ୍ଗୀତ ଉନ୍ମୋଚିତ ହୋଇ ଯାଇଛି। ପ୍ରଯୋଜକ ଟୁଟୁ ନାୟକ ସବୁବେଳେ କିଙ୍ଗ୍ ମେକର୍‌ର ଭୂମିକା ନିର୍ବାହ କରି ଆସିଛନ୍ତି। ସେ ଇଣ୍ଡଷ୍ଟ୍ରିକୁ ଉପହାର ସଦୃଶ ଦେଇଛନ୍ତି ତିନି ତିନି ଜଣ ସୁପରଷ୍ଟାର୍। ନାୟକ କିଏ ହେବେ ତାକୁ ନେଇ ସସ୍ପେନ୍ସ ଲାଗିରହିଥବା ବେଳେ ଏହି ସସ୍ପେନ୍ସ ଉପରୁ ଆଜି ପରଦା ହଟିଛି। 'ଆଇ ଲଭ ୟୁ'ରେ ଅଭିନେତା ଅନୁଭବ ଓ ଅଭିନେତ୍ରୀ ନମ୍ରତାଙ୍କୁ ସୁଯୋଗ ମିଳିଛି। ଏଥିରେ ନବାଗତ ଆଦିତ୍ୟ ଓ ନବାଗତା ଅପ୍ସରା ରାଣୀ ଡେବ୍ୟୁ କରିବାକୁ ଯାଉଛନ୍ତି। ଆଦିତ୍ୟ ସମ୍ପୂର୍ଣ୍ଣ ଭାବରେ ନୂଆ ହୋଇଥିବା ବେଳେ ନିଜର ବୋଲ୍ଡ ଅନ୍ଦାଜ ପାଇଁ ପରିଚିତ ଅପ୍ସରା ରାମ ଗୋପାଳ ବର୍ମାଙ୍କ ଫିଲ୍ମରେ ଅଭିନୟ କରି ବେଶ୍ ଚର୍ଚ୍ଚା ସାଉଣ୍ଟି ଥିଲେ। ଅନ୍ୟାନ୍ୟ ଚରିତ୍ରରେ ମିତାଲି ସରଘରିଆ, ବବି ମିଶ୍ର, ସୁନୀଲ କୁମାର, ସନ୍ତୁ ନିଜେ, ଚୌଧୁରୀ ଜୟପ୍ରକାଶ ଦାସ, ଡିସ୍କୋ ରେଡ୍ଡୀ, ଓ ସନ୍ଧ୍ୟାରାଣୀ ବିଷୋୟୀଙ୍କୁ ଦେଖିବାକୁ ମିଳିବ। ଷ୍ଟାଇଲିଶ୍ ମେକର ସୁଧାଂଶୁ ସାହୁ ଏହାର ନିର୍ଦ୍ଦେଶନା ଦେଇଛନ୍ତି ଓ ସଙ୍ଗୀତ ଦେଇଛନ୍ତି ମ୍ୟୁଜିକ ପ୍ରେମ ଆନନ୍ଦ। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଦୀପ୍ତିରେଖା ପାଢ଼ୀ, କୁଳଦୀପ ପଟ୍ଟନାୟକ, ଶଶାଙ୍କ ଶେଖର ଓ ସତ୍ୟଜିତ ପ୍ରଧାନ। ଗୀତ ଲେଖିଛନ୍ତି ସ୍ୱର୍ଗତ ସ୍ୱରୂପ ନାୟକ ଓ ଅରୁଣ ମନ୍ତ୍ରୀ। ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା, ସମ୍ପାଦନାରେ ଅଛନ୍ତି ଚନ୍ଦ୍ରଶେଖର ମିଶ୍ର। ଚିତ୍ରୋତ୍ତୋଳନ କରିଛନ୍ତି ଦୀପକ କୁମାର ଘଡେଇ। କ୍ରିଷ୍ଣା ପ୍ରୟାଗ ନାୟକ (ପ୍ରେମ ) ଏହାର କାର୍ଯ୍ୟକାରୀ ପ୍ରଯୋଜକ ଥିବା ବେଳେ ଅନୁରାଧା ନାୟକ ଓ ବରୁଣ ନାୟକ ସହ ପ୍ରଯୋଜକ ଭାବେ ନିଜ ନିଜର ଦାଇତ୍ୱ ତୁଲାଇଛନ୍ତି । ଜାମ୍ମୁ ଓ କଶ୍ମୀରରେ ସୁଟିଂ ହୋଇଥିବା ଏହା ହେଉଛି ପ୍ରଥମ ଓଡ଼ିଆ ସିନେମା। ଆଗାମୀ ଗଣେଶ ପୂଜା ଅବସରରେ ମ୍ୟୁଜିକାଲ ରୋମାଣ୍ଟିକ ଥ୍ରୀଲର 'ଆଇ ଲଭ ୟୁ-ଟୁ' ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ରହିଛି ।

# 'ତୁମ ବିନା'ରେ ଅକ୍ଷୟ ଓ ଲକ୍ଷ୍ମୀଙ୍କ ବିବାହ ଉତ୍ସବ



ଜୀ ସାର୍ଥକ ସବୁବେଳେ ଓଡ଼ିଆ ଘରର ପରମ୍ପରା ଓ ରୀତିନୀତିକୁ ଆଖିଆଗରେ ରଖି ଭେଟିଦିଏ ବିଭିନ୍ନ ମନୋରଞ୍ଜନଭିତ୍ତିକ ଧାରାବାହିକ। ସେହିପରି ଏକ ଧାରାବାହିକ 'ତୁମ ବିନା' ସଫଳତାର ସହ ଆଗେଇ ଚାଲିଛି ଓ ଦର୍ଶକଙ୍କ ଭଲପାଇବା ପାଇଛି। ପ୍ରତ୍ୟେକ ସୋମବାରରୁ ଶନିବାର ସନ୍ଧ୍ୟା ୮ଟାରେ ପ୍ରସାରିତ ହେଉଥିବା ଏହି ଭିନ୍ନ ଧରଣର ଧାରାବାହିକର ମୁଖ୍ୟ ଚରିତ୍ରରେ ନଜର ଆସୁଥିବା ଅକ୍ଷୟ ଓ ଲକ୍ଷ୍ମୀଙ୍କ ହେଉଛି ଶୁଭ ବିବାହ। ଦୁହିଁଙ୍କ ଜୀବନରେ ଅନେକ ରୋଚକ ମୋଡ଼ ଆସୁଛି ହେଲେ ସବୁବେଳେ ତାଙ୍କୁ ସାଥ ଦେଇଛି ବିଧାତା। ବିଧାତା ଲେଖିଛି ଏଇ ପ୍ରେମ କାହାଣୀ। ସମୟର ଚକ୍ରବ୍ୟୂହରେ ଆସୁଥିବା ସମସ୍ତ ସଙ୍କଟକୁ ପାରି କରି କ'ଣ ଏଇ ବିବାହ ବନ୍ଧନରେ ବାନ୍ଧି ହୋଇପାରିବ ଦୁହିଁଙ୍କ ଜୀବନ ତାହା ଆଗକୁ ଦେଖିବେ ଦର୍ଶକ ? ତେବେ ସହଜ ହେବ ନାହିଁ ଦୁଇ ଜଣଙ୍କର ଏହି ବିବାହ। ଏହାକୁ ଦର୍ଶକମାନେ ଜୀ ସାର୍ଥକରେ ପ୍ରସାରିତ 'ତୁମ ବିନା' ଧାରାବାହିକର ଆଗାମୀ ଅଧ୍ୟାୟରେ ଦେଖିପାରିବେ। ଆମେ ସବୁବେଳେ ଓଡ଼ିଆ ନାରୀର ଅଦମ୍ୟ ସାହସ, ତ୍ୟାଗ ଓ ଭଲପାଇବାକୁ ଆମ ଦର୍ଶକଙ୍କୁ ଦେଖାଇଥାଉ। ମନୋରଞ୍ଜନ ମାଧ୍ୟମରେ ପ୍ରତି ଓଡ଼ିଆ ନାରୀକୁ ସଫଳତାର ମନ୍ତ୍ର ଦେବା ପାଇଁ ଆମେ ସବୁବେଳେ ପ୍ରତିଶ୍ରୁତିବଦ୍ଧ। ତେଣୁ 'ତୁମ ବିନା' ନିୟମିତ ଦେଖନ୍ତୁ ଏବଂ ଧାରାବାହିକକୁ ଢେର ଭଲ ପାଇବା ଦିଅନ୍ତୁ ବୋଲି ଶ୍ରୀ ପ୍ରତୀକ ସିଲ ସମସ୍ତ ଦର୍ଶକଙ୍କୁ ଅନୁରୋଧ କରିଛନ୍ତି ।

# ମାନବୀୟ ଗୁଣ ଶିଖାନ୍ତୁ





ପିଲାଙ୍କୁ ଆଜିକାଲି କେହି ଭଲ ବ୍ୟକ୍ତିତ୍ୱଙ୍କ ଜୀବନ ଦର୍ଶନ ବାବଦରେ ଜଣାଇବା ଦେଖାଯାଉନାହିଁ। ବରଂ ଭଲ ପାଠ ପଢ଼ି ଭଲ ରୋଜଗାର କିଭଳି କରିପାରିବେ, ସେବାବଦରେ ଅଧିକ ଧ୍ୟାନ ଦିଆଯାଉଛି। ପିଲାଟି ମନରେ କେବେ ଭଲ କଥା କି ଭଲ ମଣିଷଙ୍କ ବ୍ୟକ୍ତିତ୍ୱ ବାବଦରେ ଜଣା ଯାଉନାହିଁ। ପିଲାଟି ଜାଣୁନାହିଁ ଯେ ବଡ଼ ମଣିଷ ହୋଇଥିବା ବ୍ୟକ୍ତିତ୍ୱଙ୍କ ଜୀବନ କାହାଣୀ କେତେ ସଂଘର୍ଷପୂର୍ଣ୍ଣ ଥିଲା। ସେମାନେ କେତେ ବାଧାବିପତ୍ତିକୁ ସାମ୍ନା କରି ସଫଳତା ପାଇଛନ୍ତି। ଯୁଗ ବଦଳିବା ସହିତ ପିଲାଙ୍କୁ ଭଲ ସ୍କୁଲରେ ପାଠ ପଢ଼େଇବା କି ସେମାନଙ୍କୁ ଅଭାବ ଅସୁବିଧା ନ ଜଣାଇ ଦେବା କାରଣରୁ ସେମାନେ ପ୍ରତିକୂଳତାକୁ ସାମ୍ନା କରୁନାହାନ୍ତି। ଫଳରେ କୌଣସି ଟିକେ କଥାରେ ବାଧା ଉପୁଜିଲେ, ସେମାନେ ଚରମ ନିଷ୍ପତ୍ତି ନେବାରେ ପଛଘୁଞ୍ଚା ଦେଉନାହାନ୍ତି। ପିଲାଙ୍କ ମନରୁ ମଧ୍ୟ ଧୀରେ ଧୀରେ ଦୟା, କ୍ଷମା, ମାନବିକତା ଭଳି ଗୁଣମାନ କମି କମି ଯାଉଛି। ଆଧୁନିକତା ସହ ତାଳ ଦେଇ ଯିବା ଫଳରେ ସେମାନଙ୍କ ମନ ମଧ୍ୟରେ ହିଂସା, ପରଶ୍ରୀକାତରତା ଭଳି ଗୁଣ ଦେଖିବାକୁ ମିଳୁଛି। ସେମାନେ କୌଣସି ଟିକେ କଥାରେ ଭାଙ୍ଗି ପଡୁଛନ୍ତି। ଫଳରେ ପିଲାଟି ଭଲ ପାଠ ପଢ଼ି ବଡ଼ ମଣିଷ ହେଉଛି ସିନା ଭଲ ମଣିଷ ହେଉନାହିଁ। ଉଚ୍ଚ ପଦପଦବୀରେ ରହିଲେ ମଧ୍ୟ ନିଜ ଭିତରେ ଭଲ ମଣିଷର କୌଣସି ଟିକେ ଲକ୍ଷଣ ପ୍ରତିଫଳିତ କରିପାରୁନାହିଁ। ଏଣୁ ପିଲାଙ୍କୁ ସବୁବେଳେ ବଡ଼ ବଡ଼ ବ୍ୟକ୍ତିତ୍ୱଙ୍କର ଜୀବନଦର୍ଶନ ବାବଦରେ ଜଣାଇବା ଉଚିତ।



# ଅଟୋବାଓଗ୍ରାଫି ପଢ଼ନ୍ତୁ:

ଯେଉଁମାନେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଉଛନ୍ତି, ସେମାନେ ନିଜର ମନୋବଳ ଦୃଢ଼ କରିବାକୁ ବିଭିନ୍ନ ବ୍ୟକ୍ତିତ୍ୱଙ୍କର ଆତ୍ମଜୀବନୀ ପଢ଼ିବା ନିହାତି ଦରକାର। ଅନେକଥର ଚେଷ୍ଟା କରିବା ପରେ ଅସଫଳତା ମିଳୁଛି, ମନରେ ଅନେକ ଦ୍ୱନ୍ଦ୍ୱ ଆସୁଛି, ଲାଗୁଛି ସତେକି ଜୀବନରେ ଆଉ କିଛି କରିହେବନାହିଁ। ସେତେବେଳେ ନିଜକୁ ପଜିଟିଭ ରଖନ୍ତୁ। ବେଳେବେଳେ ମନରେ ଅବସାଦ ଆସୁଛି। ପଢ଼ାପଢ଼ି କରିବାକୁ ଇଚ୍ଛା ହେଉନାହିଁ। ଏହି ସମୟରେ ନିଜର ମନୋବଳ ଦୃଢ଼ କରିବା ସହ ବିଭିନ୍ନ ମହାପୁରୁଷ କିମ୍ବା ଜୀବନରେ ସଫଳତା ପାଇଥିବା ବ୍ୟକ୍ତିଙ୍କର ଆତ୍ମଜୀବନୀ ପଢ଼ିବା ଦ୍ୱାରା ସେମାନଙ୍କ ଜୀବନରେ ଘଟିଥିବା ଘଟଣା ବାବଦରେ ଜାଣିବାକୁ ସୁଯୋଗ ସୃଷ୍ଟି ହୋଇଥାଏ। ସେମାନେ କେତେ ସଂଘର୍ଷ କରି ବିଫଳତାର ସ୍ୱାଦ ଚାଖିବା ପରେ ସଫଳତା ପାଇଛନ୍ତି, ଜାଣିବାର ଅବକାଶ ମିଳେ। ଏଣୁ ସବୁବେଳେ ହତୋତ୍ସାହିତ ନହୋଇ ନିଜର କ୍ୟାରିୟର ଗଠନ କରିବାକୁ ଏଭଳି ନାନାଲୋକଙ୍କର ଆତ୍ମଜୀବନୀ ପଢ଼ିବା ଉଚିତ। ମୋଟିଭେସନାଲ୍ ଟକ୍ ଶୁଣିବା କିମ୍ବା ବହି ପଢ଼ିବା ଦ୍ୱାରା ମଧ୍ୟ ନିଜର ମନୋବଳ ଦୃଢ଼ ହୋଇଥାଏ। ଏବୁଠାରୁ ବଡ଼କଥା ହେଲା ନିଜକୁ ପଜିଟିଭ୍ ରଖିବା। ଏହି ପଜିଟିଭନେସ୍ ବଡ଼ ବଡ଼ ଲୋକଙ୍କର ଜୀବନ କାହାଣୀ ପଢ଼ିବା ଦ୍ୱାରା ମନରେ ସୃଷ୍ଟି ହୋଇଥାଏ।





# କେତେ ନିରାପଦ ନାରୀ !

ଅନୁପମା ଭୂୟାଁ

ସଂପ୍ରତି ବହୁ ଆଲୋଚିତ, ଚର୍ଚ୍ଚିତ, କୋଲକାତାର ସରକାରୀ ଡାକ୍ତରଖାନାରେ ଜନୈକା ଯୁବା ଡାକ୍ତରାଣୀଙ୍କ ସହ ଭୟାନକ ଅମାନୁଷିକ ପାଶବିକତାକୁ ନେଇ ମାନବିକତାର ଅପମୃତ୍ୟୁ ହୋଇଥିବାର ଭାବନା ସୃଷ୍ଟି ହେଉଥିବାବେଳେ ମନେପଡୁଛି ପ୍ରସିଦ୍ଧ ଲେଖିକା ଏଲିଜାବେଥ କୋଲସ୍କିଙ୍କ ବହୁ ଚର୍ଚ୍ଚିତ ପୁସ୍ତକ 'ଦି ରୁଲ ଅଫ କଲୋନିଆଲ ଇନଡିଫରେନ୍ସ' ଯାହାର ଓଡ଼ିଆ ଅନୁବାଦ ହେଉଛି ଔପନିବେଶକ ଉଦାସୀନତାର ରାଜତ୍ୱ। ଏହି ପୁସ୍ତକର ସବୁଠାରୁ ଚର୍ଚ୍ଚିତ ଓ ଆଲୋଡ଼ନକାରୀ ତଥ୍ୟଟି ହେଉଛି ଔପନିବେଶକ ଅଦାଲତର ମହାମାନ୍ୟ ବିଚାରପତି ମାନଙ୍କର ଏକ ମୂଳ ଓ ବଧ ଧାରଣା ରହିଥିଲା ଯେ ଭାରତୀୟ ସମାଜରେ ଧର୍ଷଣ ଏକ ଚିରାଚରିତ, ଦେହସୁଆ ଓ ନିୟମିତ ବ୍ୟାପାର। ତତ୍କାଳୀନ ଗୋରା ସାମ୍ରାଜ୍ୟ କବଳିତ ଭାରତରେ ବ୍ରିଟିଶ ସୁପ୍ରସିଦ୍ଧ ଲେଖକ ମାଥ୍ୟୁହେଲଙ୍କ ବିଚାର ଓ ତତ୍ତ୍ୱକୁ ସମ୍ଭବତଃ ଭାରତରେ ଶାସନାଧୀନ ଇଂରେଜ ବିଚାରପତିମାନେ ଏକାନ୍ତରେ ଗ୍ରହଣ କରିବା ସହ ନିୟମରେ ଦୃଢ଼ ଏକମତ ଥିଲେ ଯେ ଭାରତୀୟ ନାରୀମାନେ ନିଜ ଇଛାରେ ଅନୈତିକ କାର୍ଯ୍ୟରେ ଲିପ୍ତ ରହି ପରେ ଏହାକୁ ବଳାତ୍କାର ଭାବେ ପ୍ରଚାର କରିଥାନ୍ତି। ତେବେ କୋଲକାତାରେ ସଂଗଠିତ ଏହି ମହିଳା ଡାକ୍ତରଙ୍କୁ ଯେଉଁପରି ଭାଷାତୀତ ଭାବେ ନୃଶଂସ ବଳାତ୍କାର ଓ ହତ୍ୟା କରାଯାଇଛି ଏହା ପରବର୍ତ୍ତୀ ସମୟରେ ମାନ୍ୟବର ସର୍ବୋଚ୍ଚ ଅଦାଲତଙ୍କ ହସ୍ତକ୍ଷେପ ପରେ ଯଦିଓ ନିଜ ଆଡୁ ଅଦାଲତି ହସ୍ତକ୍ଷେପ ହୋଇଥିଲା ଏବଂ ସିବିଆଇ ଏହାର ତଦନ୍ତ ଦାୟିତ୍ୱ ନେବା ପରେ ବାସ୍ତବିକ ଅନେକ ଅସମାହିତ ପ୍ରଶ୍ନ ଗୁଡ଼ିକ ଉଠିବା ସ୍ୱାଭାବିକ। ସମଗ୍ର ଭାରତ ପବିତ୍ର ଓ ସ୍ମରଣୀୟ ଦେଶପ୍ରୀତିର ଅଖଣ୍ଡ ନିଦର୍ଶନ ସ୍ୱରପ କ୍ରାନ୍ତି ଦିବସ ପାଳନ କରୁଥିବାବେଳେ କତିପୟ ମନୁଷ୍ୟରୂପୀ ଜହ୍ଲାଦଙ୍କ ଅସୁରିକ ଓ ବର୍ବୋରିତ କାଣ୍ଡ ଦେଶ ମୁହଁରେ ଏକ ପ୍ରକାର କଳା ବୋଳି ଦେଇଛି। ଏହି କ୍ରମରେ ୨୦୧୨ ମସିହାରେ ଦିଲ୍ଲୀର ଭୟାବହ ନିର୍ଭୟା ଗଣବଳାତ୍କାର ଓ ହତ୍ୟାକାଣ୍ଡ କଥା ମନେପଡ଼ିଯାଉଛି। ଦେଶବାସୀ ପୀଡ଼ିତାକୁ 'ଅଭୟା' ନାମ ଦେଇ ନିଜର ଅକୁଣ୍ଠ ଶ୍ରଦ୍ଧା, ସମବେଦନା ଅର୍ପଣ ପୂର୍ବକ ତ୍ୱରିତ ଓ କଠୋରରୁ କଠୋରତମ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି। କୌଣସି ସରକାରୀ ପ୍ରତିଷ୍ଠାନରେ ଏପରି ଭୟାବହ ଅମାନୁଷିକ କାଣ୍ଡ ଏହା ନୂଆ ନୁହେଁ। ଏହା ପୂର୍ବରୁ ମଧ୍ୟ ଏପରି ଅନେକ ଘଟଣା ସଂଗଠିତ ହୋଇଛି। ଭାରତରେ ସବୁଠାରୁ ଚର୍ଚ୍ଚିତ ଓ ଲୋମହର୍ଷ ଗଣଦୁଷ୍କର୍ମ ମାମଲା ଭାବେ ୧୯୭୨ ମାର୍ଚ୍ଚ ୨୬ର ମଥୁରା ଗଣଦୁଷ୍କର୍ମ କାଣ୍ଡକୁ ବଝାଯାଏ। ମହାରାଷ୍ଟ୍ରର ଦେଶାଇଗଞ୍ଜ ଥାନାର ଦୁଇଜଣ ପୋଲିସଙ୍କ ଦ୍ୱାରା ଜଣେ ଦୁଷ୍କର୍ମ ପୀଡ଼ିତାଙ୍କ ମାମଲା ଜନସାଧାରଣଙ୍କୁ ଏପରି ତତାଇ ଦେଇଥିଲା ଯେ ସରକାର ବାଧ୍ୟ ହୋଇ 'ଦି କ୍ରିମିନାଲ ଲ ଆମେଣ୍ଡେମେଣ୍ଟ ଆକ୍ଟ-୧୯୮୩ (ନମ୍ବର-୪୩)' ମାଧ୍ୟମରେ ଭାରତୀୟ ଦୁଷ୍କର୍ମ ଆଇନର ସଂଶୋଧନ କରିବାକୁ ଏକ ପ୍ରକାର ବାଧ୍ୟ ହୋଇଥିଲେ। ଭାରତରେ ସଂଗଠିତ ଏପରି ଅନେକ ମାମଲା ଭିତରୁ ୨୦୧୨ ଫେବୃଆରୀ ୫ରେ କୋଲକାତାରେ ଜନୈକ ବିଦେଶିନୀ ଜର୍ଡ଼ାନକୁ ଦୁଷ୍କର୍ମ କରାଯାଇଥିଲା। ତିନି ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଥିଲେ। ତେବେ ୨୦୧୨ ଦିଲ୍ଲୀ ନିର୍ଭୟା ଗଣଦୁଷ୍କର୍ମ ସମଗ୍ର ଦେଶବାସୀଙ୍କ ଛାତି ଥରାଇ ଦେଇଥିଲା। ଏଥିରେ ଛଅଜଣ ଦୋଷୀ ସାବ୍ୟସ୍ତ ହୋଇଥିଲେ ଓ ଚାରି ଜଣଙ୍କୁ ମୃତ୍ୟୁ ଦଣ୍ଡ ମଧ୍ୟ ମିଳିଥିଲା। ସେହିଭଳି ୨୦୧୪ ଅପ୍ରେଲ ୪ ତାରିଖରେ ୨୨ ବର୍ଷୀୟା ଜନୈକ ଫଟୋ ସାମ୍ବାଦିକଙ୍କୁ ମୁମ୍ବାଇର ଶକ୍ତି ମିଲ୍ସରେ ଦୁଷ୍କର୍ମ କରାଯାଇଥିଲା। ଉତ୍ତର ପ୍ରଦେଶର ଅନ୍ୟତମ ଚର୍ଚ୍ଚିତ ହାଥରସ ଗଣ ଦୁଷ୍କର୍ମ ୨୦୨୦ ସେପ୍ଟେମ୍ବରରେ ସଂଗଠିତ ହୋଇଥିଲା। ଏଥିରେ ଚାରି ଜଣ ଦୋଷୀ ସାବ୍ୟସ୍ତ ହୋଇଥିଲେ। ୨୦୧୮ ଜାନୁଆରୀରେ ଜାମ୍ମୁ-କାଶ୍ମୀରର କାଠୁଆ ଦୁଷ୍କର୍ମ, ୨୦୧୭ ଜୁନ ୪ରେ ଉତ୍ତରପ୍ରଦେଶର ଉନ୍ନାଓ ଦୁଷ୍କର୍ମ, ୨୦୧୯ ନଭେମ୍ବରରେ ହାଇଦ୍ରାବାଦର ପ୍ରାଣୀ ଚିକିତ୍ସିକାଙ୍କ ଗଣଦୁଷ୍କର୍ମ ଆଲୋଡ଼ନକାରୀ ମାମଲା ଥିଲା।

ଭାରତୀୟ ପିଙ୍ଗଳ କୋର୍ଡ଼ ଦଫାରେ ଦୁଷ୍କର୍ମ ମାମଲା ଏକ ଗୁରୁତର ଅପରାଧ ପ୍ରସଙ୍ଗ। ୧୮୬୦ରୁ ଚଳି ଆସିଥିବା ଏହି ଆଇନ ଅନୁଯାୟୀ ଦୁଷ୍କର୍ମକାରୀଙ୍କୁ ଧାରା ୩୭୫ ଓ ୩୭୬ ଅନୁଯାୟୀ ଦଶବର୍ଷ ସଶ୍ରମ କାରାବାସ ବ୍ୟବସ୍ଥା ରହିଛି। ସେହିପରି ୨୦୧୩ ମାର୍ଚ୍ଚରେ ସଂସଦ ଭାରତୀୟ ଦଣ୍ଡ ସଂହିତା ସଂଶୋଧନ କରିବା ପାଇଁ ଅପରାଧିକ (ସଂଶୋଧନ ଆଇନ) ୨୦୧୩ ବିଧେୟକ ଗୃହୀତ କରିଛି। ସେହିପରି ୨୦୨୪ରେ କାର୍ଯ୍ୟକାରୀ ହୋଇଥିବା ଭାରତୀୟ ନ୍ୟାୟ ସଂହିତାରେ ଅଠର ବର୍ଷରୁ କମ ବୟସ୍କା ଝିଅ ମାନଙ୍କ ସହିତ ଦୁଷ୍କର୍ମ ବା ଗଣଦୁଷ୍କର୍ମ ଘଟଣାରେ ମୃତ୍ୟୁ ଦଣ୍ଡର ବ୍ୟବସ୍ଥା ରହିଛି। ପୂର୍ବରୁ ଦୁଷ୍କର୍ମ ମାମଲାରେ ଭାରତୀୟ ଦଣ୍ଡ ବିଧି ଆଇନରେ ପ୍ରାପ୍ତ ବୟସ୍କ ଓ ଅପ୍ରାପ୍ତ ବୟସ୍କ ପୀଡ଼ିତାଙ୍କ କ୍ଷେତ୍ରରେ ସମାନ ବିଚାର ବ୍ୟବସ୍ଥା ଥିଲା। ତେବେ ଦିନକୁ ଦିନ ଉଦବେଗଜନକ ଭାବେ ପିଲାମାନଙ୍କ ଉପରେ ଅମାନୁଷିକ ପାଶବିକତା ଘଟଣାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଯୌନ ଉତ୍ପୀଡ଼ନରୁ ସୁରକ୍ଷା ଦେବା ଲାଗି ୨୦୧୨ରେ ସଂସଦରେ 'ଦି ପ୍ରୋଟେକ୍ସନ ଅଫ ଚିଲଡ୍ରେନ ଫର ସେକ୍ସୁଆଲ ଅଫେନେସେସ ଆକ୍ଟ' (ପୋକ୍ସୋ) ଗୃହୀତ ହୋଇଛି। ଅଠର ବର୍ଷରୁ କମ ବୟସ୍କ ଝିଅ ହୁଅନ୍ତୁ ବା ପୁଅ ଯୌନ ଉତ୍ପୀଡ଼ନ ଓ ନିର୍ଯାତନା ସୁରକ୍ଷା ଦେବା ପାଇଁ ଏହା ଉଦ୍ଦିଷ୍ଟ।

ରୋଗର ଉପଶମ କରି ମୁମୂର୍ଷୁଙ୍କୁ ଦ୍ୱିତୀୟଥର ଜୀବନ ଦାନ କରୁଥିବାରୁ ଡାକ୍ତର ମାନଙ୍କୁ ସମାଜରେ ଦ୍ୱିତୀୟ ଭଗବାନର ମର୍ଯ୍ୟାଦା ଦିଆଯାଏ। ଜଣେ ଡାକ୍ତର ରୋଗୀଟିକୁ ଉପଶମ ଓ ଆର୍ତ୍ତଚିତ୍କାରରୁ ମୁକ୍ତି ଦେବା ପାଇଁ ଅକ୍ଳାନ୍ତ ପରିଶ୍ରମ ଓ କଠୋର ସାଧନା କରିଥାନ୍ତି। ଅଥଚ ସେମାନେ ଅନେକ ସମୟରେ ପାଶବିକତା ଓ ଅସମାଜିକ ତତ୍ତ୍ୱମାନଙ୍କର ଉତ୍ପୀଡ଼ନର ଶିକାର ହେଉଛନ୍ତି। ବାସ୍ତବ କଥା ହେଉଛି ପ୍ରଥମେ ସମାଜର ଚିନ୍ତାଧାରାକୁ ବଦଳାଇବା ପାଇଁ ପଡ଼ିବ। ସେହିପରି ଡାକ୍ତରଙ୍କ ପ୍ରତି ହେଉଥିବା ହିଂସାକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବହୁମୁଖୀ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ସ୍ୱାସ୍ଥ୍ୟସେବା ଭିତ୍ତିଭୂମିରେ ଉନ୍ନତି ଆଣିବା ଓ ଜରୁରୀ କାଳୀନ ଚିକିତ୍ସା ପରିସ୍ଥିତି ପରିଚାଳନା ପାଇଁ ସୁବିଧା ବୃଦ୍ଧି କରିବା ହେଉଛି ମୌଳିକ ପଦକ୍ଷେପ। କୋଲକାତାରେ ସଂଗଠିତ ଘଟଣାଟି ଆଜିର ସଭ୍ୟ ସମାଜ ପାଇଁ ଏକ କଳଙ୍କିତ ଘଟଣା। ଯାହା ଆମ ଦେଶର ଆଇନ ବ୍ୟବସ୍ଥା, ନ୍ୟାୟ ବ୍ୟବସ୍ଥା ଓ କାର୍ଯ୍ୟସ୍ଥଳୀରେ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷା ଓ ସର୍ବୋପରି ସମାଜରେ ମହିଳାଙ୍କ ସୁରକ୍ଷା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶେଷକରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମହିଳାମାନଙ୍କ ଯୋଗଦାନ ବଢୁଥିବାବେଳେ ଏହି ଘଟଣା ନକରାତ୍ମକ ପ୍ରଭାବ ପକାଇଛି। ସେହିପରି ଉନ୍ନତମାନର ଡାକ୍ତରଖାନା ଓ ଜରୁରୀକାଳୀନ ସେବା ଯୋଗାଣ ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱବୋଧ। ଭାରତ ଏକ ଜନବହୁଳ ଦେଶ ହୋଇଥିବାରୁ ଅଧିକାଂଶ ଡାକ୍ତରଙ୍କୁ ଦିନକୁ କୋଡ଼ିଏ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ କାମ କରିବାକୁ ପଡ଼ିଥାଏ। ଡାକ୍ତରଙ୍କ ସୁରକ୍ଷା ପାଇଁ କଠୋର ନିୟମ ଆବଶ୍ୟକ। ବର୍ତ୍ତମାନ ବିଶ୍ୱର ଅନେକ ବିକଶିତ ଦେଶ ଯଥା ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ, ଅଷ୍ଟ୍ରେଲିଆ, ଜାପାନ, ଫ୍ରାନ୍ସ, କାନାଡ଼ା ପ୍ରମୁଖରେ ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷା ପାଇଁ ଏକ କେନ୍ଦ୍ରୀୟ ସୁରକ୍ଷା ଆଇନ ପ୍ରଣୟନ କରିଛନ୍ତି। ସେହିଭଳି ସ୍ୱାଭିମାନର ସହ ବଞ୍ଚିବା ଏକ ନାରୀର ପ୍ରମୁଖ ଅଧିକାର। ଯେଉଁ ରାଷ୍ଟ୍ର ନାରୀକୁ ସୁରକ୍ଷା ଦେଇପାରେନା ତାହାକୁ ସମୃଦ୍ଧ ବା ବିକଶିତ କୁହାଯାଇପାରିବ ନାହିଁ। ଏହି ମର୍ମରେ ମନେପଡୁଛି ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଭାରତର ଅସଲ ସ୍ୱାଧୀନତାକୁ ନେଇ ଧାଡ଼ିଟି  ସେ କହିଥିଲେ 'ଯେଉଁଦିନ ବିଳମ୍ବିତ ରାତିରେ ଜଣେ ମହିଳା ସୁରକ୍ଷିତ ଓ ସମ୍ମାନର ସହ ଜାତାୟତ କରିପାରିବ, ତାହାଲେ ମୁଁ ବୁଝିବି ଭାରତ ସ୍ୱାଧୀନତା ପାଇଛି।' ତେବେ ଆଇନ କ୍ଷେତ୍ରରେ ପରିବର୍ତ୍ତନ ସହ ମଣିଷର ପ୍ରକୃତି ଓ ଚରିତ୍ର ବଦଳୁ। ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦିଆଯିବା ସହ ନିଶାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଉ। ଆମ ଏହି ଆଲୋଚନା ଭିତରେ ଅନ୍ୟ ଏକ ପ୍ରସଙ୍ଗ ମଧ୍ୟ ରହିଛି। ତାହା ହେଉଛି ହସ୍ପିଟାଲ କର୍ତ୍ତୃପକ୍ଷମାନେ ନିଜର ଡାକ୍ତରଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷାକୁ ଯଦି ଯଥାର୍ଥ ଭାବେ ନିର୍ବାହ ନକରିପାରୁଛନ୍ତି ତାହାହେଲେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ବି ଦଣ୍ଡିତ କରାଯିବା ଜରୁରୀ। ହସ୍ପିଟାଲର ପ୍ରତିଟି ଅଞ୍ଚଳରେ ସିସିଟିଭି କ୍ୟାମେରା ରହିବା ସହ ରୋଗୀ ଓ ଅନୁମୋଦିତ ରୋଗୀଙ୍କ ସହାୟକ ବିନା କୌଣସି ବାହାର ବ୍ୟକ୍ତିବିଶେଷ ନିଶାସକ୍ତ କି ଅପରାଧୀ ଯେପରି ହସ୍ପିଟାଲ କ୍ୟାମ୍ପସ ଭିତରକୁ ନ ଆସି ପାରିବେ ସେ ଦିଗକୁ ଦୃଷ୍ଟି ଦେବା ଜରୁରୀ। ଭାରତରେ ଉଚିତ ଓ ତ୍ୱରାନ୍ୱିତ ନ୍ୟାୟ ବ୍ୟବସ୍ଥା ମଧ୍ୟ ଏ କ୍ଷେତ୍ରରେ ଏକ ଅପରିହାର୍ଯ୍ୟ ଆବଶ୍ୟକତା। କୁହାଯାଏ ବିଳମ୍ବିତ ନ୍ୟାୟ ବିଡ଼ମ୍ବିତ ଏବଂ ଏହା ନ୍ୟାୟ ନୁହେଁ ତେଣୁ ସିବିଆଇ ସମଗ୍ର ତଦନ୍ତକୁ ତ୍ୱରାନ୍ୱିତ କରି ନାରକୀୟ କାଣ୍ଡ ଭିଆଇଥିବା ଅପରାଧୀକୁ ଦୃଷ୍ଟାନ୍ତମୂଳକ ଓ ଦୃଢ଼ ଦଣ୍ଡ ମିଳୁ। ଦେଶର ନ୍ୟାୟ ପାଳିକା ଏ ନେଇ ଅଧିକ କଠୋର ହେବା ସହ ନାରୀର ସୁରକ୍ଷା, ପୀଡ଼ିତାକୁ ଯଥା ସମ୍ଭବ ନ୍ୟାୟ ଓ ଅପରାଧୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦ୍ୱାରା ନାରୀ ମାନଙ୍କ ପ୍ରତି ହେଉଥିବା ଭୟାନକ ହିଂସାକୁ ରୋକାଯାଇ ପାରିବ। ତେବେ ଆଜିର ସମାଜରେ ନାରୀମାନେ ମଧ୍ୟ ନିଜ ଅସଲ ସ୍ୱରୂପକୁ ଭୁଲିଯାଆନ୍ତୁ ନାହିଁ। ସେମାନେ 'ସର୍ଜନ ପାଇଁ ସମର୍ପିତା, ନିପାତ ପାଇଁ ନିବେଦିତା' ସେମାନେ ହେଉଛନ୍ତି ପୁରାଣରେ ମାଆ ବିଜୟିନୀ, ମହିଷାମର୍ଦ୍ଦିନୀ, ମା'ଦୁର୍ଗଙ୍କ ପ୍ରତିରୂପ ଓ ଝାନସୀ ରାଣୀ ଲକ୍ଷ୍ମୀବାଈଙ୍କ ଦାୟାଦ। ବିଦ୍ୟାଳୟ  ସ୍ତରରୁ ଝିଅ ମାନଙ୍କୁ ପାଠକ୍ରମ୍ୟର କେବଳ ଏନସିସି ବ୍ୟବସ୍ଥାରେ ନୁହେଁ ସେମାନଙ୍କ ପାଠ୍ୟକ୍ରମରେ ଜୁଡ଼ୋ ଟାଇକୋଣ୍ଡ ପରି ଦୃଢ଼ ଆତ୍ମରକ୍ଷା କୌଶଳ ଗୁରୁତ୍ୱପୂର୍ଣ୍ଣ ଭାବେ ପାଠ୍ୟକ୍ରମରେ ଶିକ୍ଷା ଦିଆଯାଉ। ଦୁଷ୍କର୍ମ ହେଉଛି ପୁରୁଷ ପ୍ରାଧାନ୍ୟ ଅଭଦ୍ରୋଚିତ ଲୁକ୍କାୟିତ ଅହଂକାର ଓ ଅସଭ୍ୟ ପାଶବିକ ପ୍ରଭୁତ୍ୱର ପ୍ରତୀକ। ସଭ୍ୟ ସମାଜରେ ଏହାର ତିଳେମାତ୍ର ସ୍ଥାନ ନାହିଁ। ଦୋଷୀ ମାନଙ୍କୁ ଏଭଳି କଠୋର ଦଣ୍ଡ ବିଧାନ ହେଉ ଯାହା ପ୍ରତିଟି ଅସୁସ୍ଥ, ବିକୃତ ମସ୍ତିଷ୍କ ସମ୍ପନ୍ନ ପୁରୁଷର ଲୋମ ଟାଙ୍କୁରି ଉଠିବ। ମହିଳା ସମାଜ ପ୍ରତି ପାଶବିକତାର ଅନ୍ତ ହେଉ, ତେବେ ସବୁଠାରୁ ବଡ଼ କଥା ହେଉଛି ଯେ ପର୍ଯ୍ୟନ୍ତ ଏପରି ଅସଭ୍ୟ, ବର୍ବର, ହିଂସ୍ର, ଉତ୍ପୀଡ଼କ ମନୁଷ୍ୟ, ମନ ଓ ମସ୍ତିଷ୍କରେ ଜମାଟ ବାନ୍ଧି ରହିଥିବା ମଧ୍ୟଯୁଗୀୟ ଅନ୍ଧକାର ନଘୁଞ୍ଚିଲା ଯାଏ ଉଜ୍ଜ୍ୱଳ ଆଲୋକିତ ରାଜପଥରେ ମହିଳାମାନେ କ'ଣ ସତରେ ସୁରକ୍ଷିତ ?

'ସାଇବିଥି' ୭ଡ଼ି/ ୧୩୫୪,
ସେକ୍ଟର-୯, ସିଡିଏ, କଟକ,
E-mail : anupama123bhuyan@gmail.com

■ ସ୍ୱାସ୍ଥ୍ୟ ସ୍ୱତନ୍ତ୍ର



# ‘ଆରମ୍ଭରୁ ସ୍ମାର୍ଟ ଫିଡ୍’

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତରାୟ

ପ୍ରତିବର୍ଷ ସେପ୍ଟେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଥାଏ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସହ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁବିଭାଗ ଏହି ସପ୍ତାହରେ ବିଭିନ୍ନ ସଚେତନଧର୍ମୀ ଓ ସହାୟତାଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। କେନ୍ଦ୍ର ସରକାର ୧୯୮୨ରେ ପ୍ରଥମେ ଏହିଭଳି ସପ୍ତାହ ପାଳନ ଆରମ୍ଭ କରିଥିଲେ। ଚଳିତ ବର୍ଷର ସ୍ଲୋଗାନ ରହିଛି : ‘ଆରମ୍ଭରୁ ସ୍ମାର୍ଟ ଫିଡ୍’ (ଫିଡିଂ ସ୍ମାର୍ଟ ରାଇଟ ଫ୍ରମ ଷ୍ଟାଟ) ବିଶେଷକରି ପିଲାମାନଙ୍କର ଅଭିଭାବକମାନେ ଏହି ପୁଷ୍ଟି ପ୍ରସଙ୍ଗକୁ ଅଣଦେଖା କରିଥାନ୍ତି। ଏକ ସୁନ୍ଦର ଶିଶୁର ସ୍ୱାସ୍ଥ୍ୟ ତା'ର ପରବର୍ତ୍ତୀ ବିକଶିତ ବୟୋବୃଦ୍ଧି ପାଇଁ ଯେ ନିତ୍ୟାନ୍ତ ଅପରିହାର୍ଯ୍ୟ ଏହାକୁ ସମସ୍ତେ ହୃଦୟଙ୍ଗମ କରିବା ଉଚିତ। କୁହାଯାଏ ଆଜିର ଶିଶୁଟି ହେଉଛି ଆସନ୍ତା କାଲିର ଭବିଷ୍ୟତ। ହେଲେ ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଯଦି ଅବହେଳାର ଶିକାର ହୁଏ ତା ହେଲେ ପିଲାଟି ଅନେକ ରୋଗର ଶିକାର ହେବା ସହ କେବଳ ତା'ର ଶାରୀରିକ ନୁହେଁ ମାନସିକ ଓ ବୌଦ୍ଧିକ ବିକାଶ ମଧ ବାଧାପ୍ରାପ୍ତ ହୋଇଥାଏ। ତେବେ ଉତ୍ତମ ପୁଷ୍ଟି ପାଇଁ ଜରୁରୀ କଥା ହେଉଛି ନବଜାତ ଶିଶୁପାଇଁ ମାଆର ପ୍ରଥମ କ୍ଷୀର ବା କଷ କ୍ଷୀର ତା' ସ୍ୱାସ୍ଥ୍ୟପାଇଁ ଏକ ଦିବ୍ୟ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିରେ ସମସ୍ତ ପ୍ରକାର ପୌଷ୍ଟିକତା ରହିବା ସହ ବିଶେଷକରି ଶିଶୁପାଇଁ ଏହା ଏକ ପ୍ରକାର ଈଶ୍ୱରପ୍ରଦତ୍ତ ରୋଗ ପ୍ରତିରୋଧକ ଶକ୍ତିକାରୀ ଅମୂଲ୍ୟ ଜିନିଷଟି। ନୂଆ ଜନ୍ମ ହୋଇଥିବା ପିଲାକୁ ପ୍ରଥମ ଛଅମାସ କେବଳ ମାଆ କ୍ଷୀର ନିହାତି ଜରୁରୀ। ଶିଶୁଟି ଯେତେଥର ଚାହୁଁଛି ମାଆମାନେ ପିଲାଙ୍କୁ ସ୍ତନ୍ୟପାନ ପ୍ରଦାନ କରନ୍ତୁ। ଶିଶୁଟିର ବୟସ ଛଅମାସ ପରେ ହେଲେ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଘରୋଇ ପ୍ରସ୍ତୁତ ଖାଦ୍ୟ ଦିଅନ୍ତୁ। ତେବେ ଏହା ସହିତ ଦୁଇ ବର୍ଷ ଯାଏ ପିଲାଟି ଯେପରି ମାଆ କ୍ଷୀର ପାଏ ଏ କ୍ଷେତ୍ରରେ ମାଆମାନେ ଯତ୍ନବାନ ହେବା ଜରୁରୀ। କେହି କେହି ମାଆକ୍ଷୀର ଅପେକ୍ଷା ବଜାର ପ୍ରସ୍ତୁତ ଡବା ପାଉଡର, ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଦେବାକୁ ଚାହିଁଥାନ୍ତି କିନ୍ତୁ ମନେରଖିବା କଥା ଯେ, ମାଆ କ୍ଷୀର ପରି କୌଣସି ଖାଦ୍ୟ ପଦାର୍ଥ ତୁଳନୀୟ ନୁହେଁ। ବିଶେଷକରି ମାଆମାନେ ଯତ୍ନବାନ ହେବା କଥା ଯେ ଶିଶୁଟି ଯେଉଁ ଖାଦ୍ୟ ଖାଉଛି ସେଥିରେ ସବୁଜ ଶାଗ, ତଟକା ପନିପରିବା, ଫଳ, ତେଲ, ଚିନି, ଗୁଡ଼, ବାଦାମ ଓ ଆୟୋଡ଼ିନ୍‌ଯୁକ୍ତ ଲୁଣ ଯେପରି ସାମିଲ ହେବ। ଓଡ଼ିଆ ଘରର ଚଳଣିରେ ଅଧିକାଂଶ ଗାଁଗଣ୍ଡାର ମାଆମାନେ ପିଲାଟିର ସ୍ୱାସ୍ଥ୍ୟକୁ ଯତ୍ନରେ ରଖି ନିଜ ଖାଦ୍ୟ ଓ ବିଶ୍ରାମକୁ ପଛରେ ପକାଇ ଦେଇଥାନ୍ତି ଏହା କିନ୍ତୁ ଠିକ୍ ନୁହେଁ। ଶିଶୁକୁ କ୍ଷୀର ଦେଉଥିବା ମାଆମାନେ ନିର୍ଦ୍ଦିଷ୍ଟ ସମୟର ବିଶ୍ରାମ ସହିତ ସେମାନେ ଯେପରି ପୁଷ୍ଟିକର ଖାଦ୍ୟ ଖାଇବେ ସେଥିପ୍ରତି ଯତ୍ନବାନ ନିହାତି ଜରୁରୀ କାରଣ ମାଆଟିର ସ୍ୱାସ୍ଥ୍ୟ ସୁରକ୍ଷିତ ରହିଲେ ଶିଶୁଟିର ମଧ ସେହିପରି ଭାବରେ ଉତ୍ତମ ଅଭିବୃଦ୍ଧି ଓ ବିକାଶ ସମ୍ଭବ ହୋଇପାରିବ।



ପିଲାମାନେ ବିଶେଷକରି ନବଜାତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବାବେଳେ ପରିପାର୍ଶ୍ୱିକ କ୍ଷେତ୍ରକୁ ଦୃଷ୍ଟି ଦେବା ଅତ୍ୟନ୍ତ ଅପରିହାର୍ଯ୍ୟ। କାରଣ ବିଭିନ୍ନ ରୋଗ ସଂକ୍ରମଣ ହେତୁ ଶରୀରରେ ପୁଷ୍ଟିକର ତତ୍ତ୍ୱର କ୍ଷତି ହୋଇଥାଏ। ଯାହାଦ୍ୱାରା ଶିଶୁଟି ବିଭିନ୍ନ ରୋଗର ସହଜ ଶିକାର ହୋଇଥାଏ। ସେହିପରି ବ୍ୟକ୍ତିଗତ ଓ ଭୋଜନଗତ ସ୍ୱଚ୍ଛତାକୁ ଧ୍ୟାନ ଦେଇ ନିଜ ପରିବେଶକୁ ସ୍ୱଚ୍ଛ ରଖିପାରିଲେ ରୋଗ ସଂକ୍ରମଣକୁ ରୋକାଯାଇପାରିବ। ବର୍ତ୍ତମାନ ପରି ସାଧାରଣତଃ ବର୍ଷାଦିନିଆ ପରିବେଶରେ ମାଆମାନେ ପିଲାଙ୍କ ଯତ୍ନ ନେଲାବେଳେ କିଛି ଘଟଣାକୁ ଅଣଦେଖା କରିଦିଅନ୍ତି। ପିଇବା ପାଣି ବି ଯେପରି ନିଶ୍ଚିନ୍ତ ଭାବରେ ଭଲଭାବରେ ଫୁଟା ଯାଇଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପିଲାଟିକୁ ପିନ୍ଧାଉଥିବା ପୋଷାକ ଯେପରି ଭଲ ଭାବରେ ସଫା ହୋଇ ସୂର୍ଯ୍ୟକିରଣ ଦ୍ୱାରା ଶୁଖିଥିବ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ। କେହି କେହି ପିଲାମାନଙ୍କର ଲୁଗାପଟାକୁ ଫ୍ୟାନ୍‌ରେ ବା ୱାସିଂମେସିନର ଗରମରେ ଶୁଖାଇବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଏହା ଆଦୌ ଠିକ୍ ନୁହେଁ। କାରଣ ପୋଷାକରେ ଯଦି ଆର୍ଦ୍ରତା ରହିବ ପିଲାଟି ଥଣ୍ଡାଜ୍ୱରର ଶିକାର ହେବାର ସମ୍ଭାବନା ଅଛି। ସେହିପରି ଖାଦ୍ୟ ପ୍ରସ୍ତୁତି ସମୟରେ ଭଲ ଭାବରେ ଗରମ ହୋଇଥିବା ଖାଦ୍ୟକୁ ଶୀତଳ କରି ପିଲାମାନଙ୍କୁ ଖାଇବାକୁ ଦିଅନ୍ତୁ। ବଜାରର ପନିପରିବା ଅପେକ୍ଷା ନିଜ ବାଡ଼ିର ବା ଘରୋଇ ପ୍ରସ୍ତୁତ ପରିବା ଯଥା ଅମୃତଭଣ୍ଡା, କଦଳୀ, ସଜନା ଛୁଇଁ, ଶାଗ ଦେଇପାରନ୍ତି। ଗାଜର ବିଟ ବି ଭଲ। ସେହିପରି ପିଲାମାନଙ୍କୁ ତଟକା ଫଳ ଖୋଇବାର ଅଭ୍ୟାସ ରଖନ୍ତୁ କିମ୍ବା ନିଜେ ଘରେ ଜୁସ୍ ତିଆରି କରି ପିଇବାକୁ ଦିଅନ୍ତୁ। ଛୋଟ ପିଲାଙ୍କୁ ଖାଇବାକୁ ଦେବାବେଳେ ଖାଦ୍ୟକୁ ଭଲ ଭାବରେ ଚକଟି ଦିଅନ୍ତୁ। ପିଲାମାନଙ୍କ ପାଇଁ ଚୁଡ଼ାରେ ପ୍ରସ୍ତୁତ ପାଉଡର ଖୁବ୍ ଭଲ। ଡାଲି ଭିତରେ ହରଡ଼ ଡାଲି, ମୁଗଡାଲି ଭଲ। ତେବେ ଡାଲି ପାଣିଟି ପିଲାମାନଙ୍କ ପାଇଁ ଖୁବ୍ ଭଲ। ପିଲାବେଳୁ ଶିଶୁଟିକୁ ରକ୍ତହୀନତାର ସମସ୍ୟାରୁ ଦୂରେଇବା ପାଇଁ ଏହାର ପ୍ରତିରୋଧ ନିମନ୍ତେ ଗର୍ଭବତୀ ମହିଳାମାନେ ଓ ପ୍ରସୂତୀ ମାଆମାନେ ପ୍ରଚୁର ଲୌହସାରଯୁକ୍ତ ଖାଦ୍ୟ ଖାଆନ୍ତୁ ଓ ପିଲାଟିକୁ ମଧ ଦିଅନ୍ତୁ। ସରକାର ଲୌହସାର ଯୁକ୍ତ ବଟିକା ଓ ବିଭିନ୍ନ ପୁଷ୍ଟିକର ଅଭିବୃଦ୍ଧି ପାଇଁ ମାଗଣା ଔଷଧ ପ୍ରଦାନ କରୁଛନ୍ତି ଏହାର ସୁଯୋଗ ନିଅନ୍ତୁ। ପିଲାଟି ଯେପରି ଆୟୋଡ଼ିନ୍‌ଯୁକ୍ତ ଲୁଣ ଖାଉଥାଏ ସେ ଦିଗଟିକୁ ଦେଖନ୍ତୁ। ରୁଗ୍‌ଣ ଓ ଅତିଶୟ ପୁଷ୍ଟିହୀନ ଶିଶୁପାଇଁ ସଠିକ୍ ଓ ନିର୍ଦ୍ଧାରିତ ସମୟର ପୁଷ୍ଟିକର ଖାଦ୍ୟ ଓ ଅଧିକ ଯତ୍ନ ଆବଶ୍ୟକ। ପିଲାକୁ ଯେ କୌଣସି ଖାଦ୍ୟ ବା ପାନୀୟ ଦେଉଥାନ୍ତି ଶିଶୁରୋଗ ବିଶେଷଜ୍ଞଙ୍କ ମତ ନିଅନ୍ତୁ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗର୍ଭବତୀ ମାଆ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଅନେକ ସଚେତନଧର୍ମୀ କାର୍ଯ୍ୟକ୍ରମ କରିବା ସହ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ଓ ଔଷଧ ପ୍ରଦାନ କରୁଛନ୍ତି। ସେଥିପାଇଁ ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନବାଡ଼ିକର୍ମୀ ମାନେ ଘରେ ଘରେ ପହଞ୍ଚି ଏହି ସୁଯୋଗ ଆପଣମାନଙ୍କ ହାତ ପାହାନ୍ତାରେ ପ୍ରଦାନ କରୁଛନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା ଠାରୁ ଶିଶୁଭବନ ସବୁଠି ଶିଶୁମାନଙ୍କର ଉତ୍ତମ ପୁଷ୍ଟିଜନିତ ଚିକିତ୍ସା ପାଇଁ ଅଭିଜ୍ଞ ଓ ଅନୁଭବୀ ଶିଶୁରୋଗ ବିଶେଷଜ୍ଞ ରହିଛନ୍ତି। ସେମାନଙ୍କ ପରାମର୍ଶ ନିହାତି ନିଅନ୍ତୁ। ଗୁଣିଟୁଣି ବା କାହାର କାନକୁହା କଥା ଶୁଣି ପିଲାଟିକୁ ଡଉଲଡାଉଲ ଓ ମୋଟା କରିଦେବା ପାଇଁ ନିଜେ କୌଣସି ଖାଦ୍ୟ ବା ଔଷଧ ଦେବା ପୂର୍ବରୁ ଶିଶୁ ବିଶେଷଜ୍ଞଙ୍କ ନିହାତି ପରାମର୍ଶ ନିଅନ୍ତୁ। ଚଳିତବର୍ଷର ଏହି ସପ୍ତାହ ପାଇଁ ରହିଥିବା ସ୍ଲୋଗାନଟି ବେଶ୍ ଗୁରୁତ୍ୱପୂର୍ଣ୍ଣ। ସମାଜର ସାମଗ୍ରୀକ ଆଗାମୀ ଭବିଷ୍ୟତର ବିକାଶ ପାଇଁ ଆଜିର ଶିଶୁମାନଙ୍କ ସ୍ୱାସ୍ଥ୍ୟଗତ ଦିଗ ଓ ପୁଷ୍ଟି ସାଧନ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଏହାକୁ ପାଳନ କଲେ ଏହି ଜାତୀୟ ପୁଷ୍ଟି ସପ୍ତାହର ପ୍ରାସଙ୍ଗିକତାର ଗୁରୁତ୍ୱ ବଢ଼ିପାରିବ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
E-mail : drjyotiranjanchampatray123@gmail.com

ମହକ

# ସମାଜସେବା, ଶିକ୍ଷାଦାନ ସେବା ଓ ଗୁରୁ ହିଁ ଶ୍ରେଷ୍ଠ

'ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ....ଗୁରୁ ସାକ୍ଷାତ, ପରମ ବ୍ରହ୍ମ, ତସ୍ମୟେ ଗୁରବେ ନମ।' ସଂସାରରେ ଯଦି କେହି ବଡ ଥାଏ ତେବେ ସେ ହେଉଛନ୍ତି ଗୁରୁ। ତାଙ୍କୁ ଠାରୁ ଶ୍ରେଷ୍ଠ ଦୁନିଆରେ କେହି ନାହାଁନ୍ତି। ତେଣୁ ସେ ସର୍ବଦା ପୂଜନୀୟ। ଗୁରୁ-ଶିଷ୍ୟ ସମ୍ପର୍କ ଆମ ଜୀବନର ଏକ ଅଂଶ। ପ୍ରାଚୀନ କାଳରୁ ଗୁରୁଙ୍କୁ ଭାରତୀୟ ସମାଜ ଦ୍ୱାରା ସର୍ବୋଚ୍ଚ ସ୍ଥାନ ଦିଆଯାଇଛି କାରଣ ଗୁରୁଙ୍କର ମହାନତାର ତୁଳନା ନାହିଁ। ଜୀବନରେ ଜ୍ଞାନ, ସୁଖ, ସମୃଦ୍ଧି ଗୁରୁଙ୍କ କୃପାରୁ ହିଁ ମିଳିଥାଏ। ଶାସ୍ତ୍ରରେ ଗୁରୁମାନଙ୍କୁ ଈଶ୍ୱର ସହ ତୁଳନା କରାଯାଏ।



ସିଏ ହିଁ ଗୁରୁ, ଯିଏ ଆମକୁ ଅଜ୍ଞାନ ରୂପକ ଅନ୍ଧକାରରୁ ବାଟ କଢ଼େଇ ଜ୍ଞାନ ରୂପକ ଆଲୋକର ରାସ୍ତା ଦେଖାନ୍ତି। ଯାହାଙ୍କ ପ୍ରଦତ୍ତ ଜ୍ଞାନରେ ଜୀବନର ପ୍ରକୃତ ଉଦ୍ଦେଶ୍ୟ ବୁଝିହୁଏ। ଯୁଗେ ଯୁଗେ ଗୁରୁ ଶିଷ୍ୟ ସମ୍ପର୍କ ଅତୁଟ ରହିଛି। ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ୧୮୮୮ ମସିହା ଆଜିର ତାରିଖ ଅର୍ଥାତ୍ ସେପ୍ଟେମ୍ବର ୫ ତାରିଖରେ ଜନ୍ମଗ୍ରହଣ କରିଥିଲେ। ରାଷ୍ଟ୍ରପତି ଡକ୍ଟର ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିନକୁ ଛାତ୍ରଛାତ୍ରୀମାନେ 'ରାଧାକ୍ରିଷ୍ଣନ୍ ଦିବସ' ରୂପେ ପାଳନ କରିବାକୁ ଅନୁମତି ମାଗିଥିଲେ। ହେଲେ ରାଧାକ୍ରିଷ୍ଣନ୍ ଏଥିରେ ରାଜି ହୋଇ ନଥିଲେ। ଜନ୍ମଦିନ ପାଳନ ନକରି ବରଂ 'ଗୁରୁ ଦିବସ' ରୂପେ ପାଳନ କରାଯାଉ ବୋଲି ମତ ଦେଇଥିଲେ। ସେହିଦିନଠାରୁ ସେପଟ୍ଟେମ୍ବର ୫ ତାରିଖକୁ ଗୁରୁ ଦିବସ ରୂପେ ପାଳନ କରାଯାଉଛି।

ଗୋଟେ ପିଲା ପାଇଁ ପ୍ରଥମ ଗୁରୁ ହେଉଛନ୍ତି ତା' ପିତାମାତା। ପିତାମାତା ପିଲାଙ୍କୁ ଯାହା ଶିକ୍ଷା ଦିଅନ୍ତି ପିଲା ସେଇ ମାର୍ଗରେ ଯାଆନ୍ତି। କିଛି ଦିନ ତଳେ ମୁଁ ଟ୍ରେନ୍‌ରେ ଯାଉଥିଲି ସେଇ ସମୟରେ ମୋ ଆଗରେ ବାପା ଆଉ ପୁଅ ଦୁଇ ଜଣ ବସିଥିଲେ ମୋ ସାମ୍ନା ସିଟରେ। ପୁଅ ବୟସ ୧୦ ରୁ ୧୨ ବର୍ଷ ମଧ୍ୟରେ ହେବ। ବାପା ଜଣଙ୍କ ଗୋଟେ ବହି ଧରିକି ପଢୁଥାନ୍ତି। ତାଙ୍କ ପାଖରେ ଥିବା ପୁଅ ମଧ୍ୟ ଗୋଟେ ବହି ପଢିବାରେ ବ୍ୟସ୍ତ ଥାଏ। ସ୍ୱାଭାବିକ ଭାବେ ଆଜିର ସମୟରେ ଯେଉଁଠି ଛୋଟପିଲା ମୋବାଇଲ ଫୋନ୍ ବିନା ଖାଇବା ମଧ୍ୟ ଖାଉ ନାହାନ୍ତି ସେଇ ସମୟରେ ଜଣେ ବହି ପ୍ରତି ଆଗ୍ରହ ଦେଖେଇବା ଆନନ୍ଦର ବିଷୟ ଥିଲା ମୋ ପାଇଁ। କିଛି ସମୟ ପରେ ତାଙ୍କ ବାପାଙ୍କୁ ମୁଁ ପଚାରିଲି ଯେତେବେଳେ ଛୋଟ ପିଲା ଫୋନ୍ ପଛରେ ପଡ଼ିଛନ୍ତି ଆପଣ କେମିତି ଶିକ୍ଷା ଦେଇଛନ୍ତି ଯାହା ଫଳରେ କି ସେ ବହି ପ୍ରତି ଏତେ ଆଗ୍ରହ ଅଛି। ତାଙ୍କ ଉତ୍ତର ଥିଲା ଛୋଟ ପିଲା ବୁଦ୍ଧି ନଥାଏ ସେମାନେ ସେୟା କରନ୍ତି ଯାହା ସେମାନେ ନିଜ ବାପା ମା କରିବାର ଦେଖନ୍ତି। ପ୍ରକୃତରେ ତାଙ୍କ ଉତ୍ତର ମତେ ପ୍ରଭାବିତ କରିଥିଲା। ଛୋଟ ପିଲାଟି କଣ ବା ଦୁନିଆଁ ବିଷୟରେ ଜଣିଥାଏ। ସେ ତ ସେୟା କରେ ଯାହା ସେ ନିଜ ପାଖ ପରିବେଶରୁ ଦେଖେ। ସବୁଠୁଁ ଅଧିକ ପ୍ରଭାବ ନିଜ ପିତାମାତାଙ୍କ ଠାରୁ ପଡ଼ିଥାଏ। ତେଣୁ ବାପାମାଆ ପ୍ରାଥମିକ କର୍ତ୍ତବ୍ୟ ଛୋଟ ପିଲା ବେଳୁ ନିଜ ପିଲାର ସଠିକ୍ ମାର୍ଗରେ ନେବା। ତା' ହେଲେ ଯାଇକି ଆମେ ଆମେ ଗୋଟେ ପିଲାକୁ ସଠିକ୍ ଭାବେ ଗଢି ତୋଳି ପାରିବା।

ଯେ କୌଣସି କର୍ମ ବା ଧର୍ମ ହେଉ ନା କାହିଁକି ବିନା ଗୁରୁରେ ପୂର୍ଣ୍ଣତା ଆସେ ନାହିଁ। ଗୁରୁ ସେ କେବେ ପାଠ ଶିକ୍ଷା ଦିଅନ୍ତି ତ କେବେ ସମାଜରେ ବଂଚିବାକୁ ଶିଖାନ୍ତି, କେବେ ସେ ଲହୁଣୀ ପରି କୋମଳତ କେବେ ସେ ଛାଟ ଧରି ଅନୁସନ୍ଧାନ କରିବାକୁ ଧୁରନ୍ଧର। ସେ ଅନ୍ୟ କେହି ନୁହେଁ ଜୀବନର ପ୍ରତ୍ୟେକଟି ସୋପାନ ଯାହା ବିନା ଅଧୁରା ସେ ହିଁ ଗୁରୁ। ଗୁରୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସହ ତୁଳନୀୟ। ଗୁରୁ, ମନୁଷ୍ୟର ଅନ୍ତର୍ନିହିତ ଗୁଣ ଏବଂ ଶକ୍ତିକୁ ଜାଗରଣ କରି ବ୍ୟକ୍ତି ଜୀବନରେ ଜ୍ଞାନର ଦ୍ୱୀପକୁ ପ୍ରଜ୍ୱଳିତ କରିଥାନ୍ତି।

**-ରବିନାରାୟଣ ପଟ୍ଟନାୟକ**
**ପଟିଆ, ଭୁବନେଶ୍ୱର**
**ମୋ-୯୯୩୮୧୧୩୨୨୬**

# ଯୁବପିଢ଼ିଙ୍କ ମାନସିକତାରେ କ୍ରୋଧ

ମୁନିଋଷିମାନେ କହିଛନ୍ତି କ୍ରୋଧ ମଣିଷର ପରମ ଶତ୍ରୁ, ଏହାକୁ ପରିତ୍ୟାଗ କରିବା ଉଚିତ । କିନ୍ତୁ ସବୁ ମଣିଷଙ୍କ ପାଇଁ କ୍ରୋଧ ପରିତ୍ୟାଗ କରିବା ଏତେ ସହଜ ନୁହେଁ । ଅବଶ୍ୟ ଏକଥା ସତ ଯେ ଯେତେ ବୁଦ୍ଧି, ଜ୍ଞାନ, ସୃଜନଶୀଳତା ଥାଉ କି ଯେତେ ସୁନ୍ଦର ଚେହେରା ଥାଉ, କ୍ରୋଧ ଏସବୁକୁ ନିଷ୍ପ୍ରଭ କରିଦେବ। ଥରେ ଜଣେ ଜ୍ଞାନୀ ଓ ସ୍କୁଲରେ ଭଲ ପାଠ ପଢୁଥିବା ପିଲା ତାର ସାଙ୍ଗମାନଙ୍କୁ ମନ ଇଛା ଗାଳି ଦେଲା । ସାଙ୍ଗମାନେ ତାଠାରୁ ଦୂରେଇ ଗଲେ । ଏହାର କାରଣ ହେଲା ତାର କ୍ରୋଧ ଓ ସ୍ୱାର୍ଥପରତା ଯେଉଁଥିପାଇଁ ସେ ଅନ୍ୟମାନଙ୍କୁ ସମ୍ମାନ ଦେଉ ନଥିଲା । ଏହା ହୋଇଯିବା ପରେ ମାନସିକ ଦ୍ୱନ୍ଦ୍ୱ ସୃଷ୍ଟି ହେଲା, ଅବସାଦ ବଢ଼ିଲା । ପରୀକ୍ଷାରେ ଖରାପ ହେଲା । ଶେଷରେ ଜଣେ ଶିକ୍ଷକ ଏକଥା ଜାଣିପାରି ତାକୁ ବୁଝାଇଲେ କ୍ରୋଧର ଭୟାବହତା । କାହାକୁ ଆଘାତ କଲେ ଶରୀରର କ୍ଷତ ଶୀଘ୍ର ଭରିଯିବ, କିନ୍ତୁ ରାଗରେ କାହାକୁ ବାଧିଲା ଭଳି କଥା କହିଲେ ସେ କ୍ଷତ ସାରା ଜୀବନ ବି ରହିଯାଇପାରେ । ଅଯଥାରେ ଅନେକ ଶତ୍ରୁ ବାହାରିବେ । ଏଭଳି ଏକାଧିକ ଲୋକଙ୍କୁ ଯଦି ମାନସିକ ଆଘାତ ହେବ ତେବେ କେତେଥର କାହାକୁ 'ଦୁଃଖିତ' ବୋଲି କହି ସ୍ଥିତି ସୁଧାରିବ? ସାଙ୍ଗସାଥୀ, ଆତ୍ମୀୟସ୍ୱଜନଙ୍କ ସହ ସୁସମ୍ପର୍କ ରକ୍ଷା କରିବାକୁ ହେଲେ ସେମାନଙ୍କ ସୁଖଦୁଃଖରେ ଭାଗୀଦାର ହେବାକୁ ପଡ଼ିବ। କାହାର କାର୍ଯ୍ୟ ବା କଥା ଭଲ ନଲାଗିଲେ ମଧ୍ୟ ସହିବାକୁ ପଡ଼ିବ। ତେଣୁ ଅନ୍ୟକୁ ସ୍ନେହ କର ଓ ସମ୍ମାନ ଦିଅ । ତାହା ହିଁ ହେବ ସର୍ବଶ୍ରେଷ୍ଠ ସଫଳତା ।

ବ୍ୟକ୍ତି ନିଜେ ହିଁ ଜାଣି ନଥାଏ, ସେ କେତେବେଳେ କେମିତି କ୍ରୋଧିତ ହୋଇଥାଏ ଓ ଅନ୍ୟ ଉପରେ ଚିଡ଼ିଚିଡ଼ା ପ୍ରକାଶ କରେ । ସବୁ କିଛି ପାଖରେ ଥିଲେ ବି ସେ ଶାନ୍ତିରେ ରହିପାରେ ନାହିଁ । ଏପରି କ୍ରୋଧିତ ହେବା ଯୋଗୁଁ ସେ ବହୁ ଚିନ୍ତାରେ ମଧ୍ୟ ରହେ । ଏମିତି ଅବସ୍ଥାରେ ସେ ଘର ଓ ଅଫିସ ଦୁଇଟି ସ୍ଥାନରେ ମଧ୍ୟ ଚିଡ଼ିଚିଡ଼ା ପ୍ରକାଶ କରେ । ଏପରି ହେବା ଦ୍ୱାରା ସେ ସମସ୍ତଙ୍କର ଅପ୍ରିୟ ହୁଏ। ଆଜିର ଆଧୁନିକ ଜୀବନ ଶୈଳୀରେ ସାଧାରଣତଃ ଯୁବକମାନଙ୍କୁ କ୍ରୋଧ ଭଳି ରୋଗ କାବୁ କରି ରଖିଛି । ଏହା କେବଳ ଯୁବକମାନଙ୍କ କାର୍ଯ୍ୟକୁ ପ୍ରଭାବିତ କରୁଛି ତାହା ନୁହେଁ ବରଂ ଦେଶରେ ଅପରାଧ ସଂଖ୍ୟାକୁ ବୃଦ୍ଧି କରୁଛି । କ୍ରୋଧ ଯୁବପିଢ଼ିଙ୍କ ଏକ ହବିରେ ପରିଣତ ହେଲାଣି । ଏହାକୁ ସେମାନେ କଣ୍ଟ୍ରୋଲ କରିପାରୁ ନାହାନ୍ତି । ଏପରି ଧୀରେ ଧୀରେ କ୍ରୋଧ ଏକ ରୋଗରେ ପରିଣତ ହୁଏ ।

ଛୋଟ ଛୋଟ କଥାରେ ରାଗିବା ଅବା କ୍ରୋଧିତ ହେବା ମାନେ ଆପଣ ଡିପ୍ରେସନର ଶିକାର ହୋଇଛନ୍ତି । ଏହା ସିଧାସଳଖ ଭାବରେ ଆମ ମସ୍ତିଷ୍କ ଉପରେ ପ୍ରଭାବ ପକାଏ । ଆଜିର ଯୁବପିଢ଼ି ଟିକେ ରାଗିଗଲେ ପାଗଳ ଭଳି ହୁଅନ୍ତି । ସତେ କି ଯେପରି ସବୁ କିଛି ଧ୍ୱଂସ କରିଦେବେ । ଏହି ସମୟରେ ଆପଣ ଏପରି କାମ କରିପକାନ୍ତି, ଯାହା ପରବର୍ତ୍ତୀ ସମୟରେ ଆପଣଙ୍କର ବହୁ କ୍ଷତି ହୋଇଥାଏ । ବେଳେବେଳେ କ୍ରୋଧକୁ ସାମାନ୍ୟ ମନାଯାଏ, କିନ୍ତୁ ଅନ୍ୟ କେତେକ ସମୟରେ ଏହା ଭୟଙ୍କର ରୂପ ନିଏ । ଏହା ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ହୋଇଥିବାବେଳେ ଆପଣଙ୍କ ଚେହେରାରେ ମଧ୍ୟ ପରିବର୍ତ୍ତନ ଆଣେ ।

କ୍ରୋଧକୁ ଦୂରେଇବା ବା ଏଥିରେ ବଶୀଭୂତ ନ ହେବା ମୁଖ୍ୟତଃ ନିଜର ଭାବନାକୁ ପ୍ରକାଶ କରିଦେବା ଉଚିତ୍ । ଭାବନାକୁ ମନ ଭିତରେ ଚାପି ରଖିବା ଯୋଗୁଁ କ୍ରୋଧ ଜନ୍ମ ନିଏ । ତେଣୁ ଭାବନାକୁ ପ୍ରକାଶ କରିବା ପାଇଁ ଏକ ଭଲ ବନ୍ଧୁ ବାଛନ୍ତୁ । ଯିଏ ଆପଣଙ୍କ ସମସ୍ତଙ୍କ କଥା ଶୁଣି ଆପଣଙ୍କ ମନକୁ ବୁଝି ପାରୁଥିବ । ସମୟ ସମୟରେ ଆପଣଙ୍କ ବନ୍ଧୁ ତାଙ୍କ ଅଜାଣତରେ କିଛି ଭୁଲ କରିଦିଅନ୍ତି । ଉକ୍ତ ସମୟରେ ସେ ଭୁଲକୁ ବନ୍ଧୁଙ୍କୁ ନଜଣାଇ ତାଙ୍କ ଉପରେ ରାଗିଯାଆନ୍ତି । ଏହାଦ୍ୱାରା ରାଗ ବଢ଼ି ବଢ଼ି ଦିନେ ଭୟଙ୍କର ରୂପ ନିଏ । ତେଣୁ ନିଜର ଭାବନାକୁ ପ୍ରକାଶ କରିଦେଲେ, ଭୁଲଟାକୁ କଥା ଆକାରରେ ଜଣାଇ ଦେଲେ କ୍ରୋଧର ଶୀକାର ହେବାକୁ ପଡ଼ିବ ନାହିଁ । କ୍ରୋଧରେ ଶିକାର ଥିବା ବ୍ୟକ୍ତିମାନେ କିଛି ଲୁଚାଇ ରଖିପାରନ୍ତି ନାହିଁ । ଯେଉଁ କଥାକୁ ବାହାରକୁ ପ୍ରକାଶ କରିବା କଥା ନୁହେଁ କ୍ରୋଧରେ ଥିବା ସମୟରେ ସେ ତାକୁ ପ୍ରକାଶ କରେ । ତା'ସାମନାକୁ ଯେଉଁ ବ୍ୟକ୍ତି ଆସେ ତାକୁ କ୍ରୋଧର ଶୀକାର କରାଏ ।

ନ୍ୟୁ ଜେନେରେସନ କ୍ରୋଧକୁ ଏକ ହବି ଭାବରେ ଗ୍ରହଣ କରିନେଲେଣି । ସେମାନେ ନିଜର ଫାଇଦା ହାସଲ ପାଇଁ ତତ୍ପର ଥବାବେଳେ କ୍ଷତି ସହିବା ସେମାନଙ୍କ ପାଖେ ଆଦୌ ସମ୍ଭବ ନୁହେଁ । ତେଣୁ କ୍ରୋଧ ପ୍ରକାଶରେ ଅନ୍ୟକୁ ଭୟଭୀତ କରି ନିଜର ଫାଇଦାକୁ ହାସଲ କରନ୍ତି । ଏହାଦ୍ୱାରା ସହଜରେ ଫାଇଦା ହାସଲ ହେଉଥିବାରୁ ଯୁବସମାଜ ଏହାକୁ ସ୍ୱଭାବର ଏକ ଅଳଙ୍କାର ବୋଲି ମନେ କରୁଛନ୍ତି । କିନ୍ତୁ ଯୁବବନ୍ଧୁମାନେ ଜାଣିନଥାନ୍ତି ଏହାଦ୍ୱାରା ବ୍ୟକ୍ତିତ୍ୱ କିପରି ନଷ୍ଟ ହୁଏ । କ୍ରୋଧିତ ହେବା ଦ୍ୱାରା କେବଳ ଘର ଓ ଅଫିସର ଲୋକମାନେ ପ୍ରଭାବିତ ହୋଇନଥାନ୍ତି । ବରଂ ଏହାଦ୍ୱାରା କାର୍ଯ୍ୟ ଦକ୍ଷତା ଉପରେ ନକରାତ୍ମକ ପ୍ରଭାବ ପଡ଼େ । ଏହି ସମସ୍ୟାର ଶିକାର ହୋଇଥିବା ବ୍ୟକ୍ତିର ସ୍ମରଣଶକ୍ତି ଓ ଏକାଗ୍ରତା କ୍ଷମତା ବି ହ୍ରାସ ହୋଇଥାଏ । କ୍ରୋଧକୁ ଦୂର କରିବା ପାଇଁ ବ୍ୟକ୍ତି ମଦ୍ୟପାନ, ଧୂମପାନ ଇତ୍ୟାଦି ବଦ ଅଭ୍ୟାସ କରେ । ଏହାଦ୍ୱାରା ପରିବାର ଲୋକେ ଅସୁବିଧାରେ ପଡ଼ିବା ସହ ବାହାର ଲୋକମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଆପଣ ଭିତରେ କ୍ରୋଧକୁ ସ୍ଥାନ ଦେଲେ, କ୍ରୋଧ ଆପଣଙ୍କ ପରେ ଶାସନ ଚଳାଏ । ଆପଣଙ୍କୁ ଅନିୟନ୍ତ୍ରଣ କରିଦିଏ ।

**ବିକ୍ରମ ଦାଶ, ରୋଟାରୀ କ୍ଲବ,**
**କଟକ - ବାରବାଟୀ, ସିଡ଼ିଏ, କଟକ,**
**ଦୂରଭାଷ : ୯୮୬୧୫୭୫୨୩୭**
E-mail : dbikram@rediffmail.com


## ଏହି ସପ୍ତାହ, ସେହି ବର୍ଷ (ସେପ୍ଟେମ୍ବର ୧-୭)

### ଏଇ ସପ୍ତାହ

**ସେପ୍ଟେମ୍ବର ୧, ୧୯୫୬-**
ଭାରତୀୟ ଜୀବନ ବୀମା ନିଗମର ସ୍ଥାପନା ହୋଇଥିଲା।



**ସେପ୍ଟେମ୍ବର ୨, ୧୯୭୦-**
କନ୍ୟାକୁମାରୀରେ ବିବେକାନନ୍ଦ ସ୍ମାରକ ଉଦ୍‌ଘାଟନ ହୋଇଥିଲା।



**ସେପ୍ଟେମ୍ବର ୩, ୧୯୨୪-**
ଚୀନ୍‌ରେ ଗୃହଯୁଦ୍ଧର ଆରମ୍ଭ ହୋଇଥିଲା।





**ସେପ୍ଟେମ୍ବର ୪, ୨୦୦୦-**
ସିଡ୍‌ନୀରେ ୨୭ତମ ଅଲିମ୍ପିକ ଖେଳର ଶୁଭାରମ୍ଭ ହୋଇଥିଲା।




**ସେପ୍ଟେମ୍ବର ୫, ୧୮୮୮-**
ଦେଶର ଦ୍ୱିତୀୟ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନ।



**ସେପ୍ଟେମ୍ବର ୬, ୨୦୧୨-**
ଆମେରିକାରେ ରାଷ୍ଟ୍ରପତି ପଦ ପାଇଁ ବାରାକ୍ ଓବାମା ଡେମୋକ୍ରାଟିକ୍ ପାର୍ଟିର ପ୍ରାର୍ଥୀ ହୋଇଥିଲେ।



**ସେପ୍ଟେମ୍ବର ୭, ୧୯୦୬-**
ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ସ୍ଥାପନା ହୋଇଥିଲା।





# ଗୋଟିଏ ମଞ୍ଚରେ ୭୦ବର୍ଷ ଧରି ଅଭିନୀତ: ଗୋଟିଏ ମୂଷାଯନ୍ତାର କାହାଣୀ



ଲେଖିକା କ୍ରୀଷ୍ଟି ସର୍ବ ପ୍ରଥମେ ତାଙ୍କର ପ୍ରଥମ ରେଡିଓ ନାଟକ 'ତିନି ଅନ୍ଧ ମୂଷାଙ୍କର କାହାଣୀ' ରଚନା କରିଥିଲେ। ବି.ବି.ସି. ରେଡିଓରେ ୨୦ ମିନିଟ୍‌ର ଏହି ରେଡିଓ ନାଟକଟି ବ୍ରିଟିଶ ମହାରାଣୀ କୁଇନ ମେରୀଙ୍କ ୮୦ତମ ଜନ୍ମଦିନ (୩୦.୦୫.୧୯୪୭)ରେ ଉପହାର ସ୍ୱରୂପ ପ୍ରଚାର କରାଯାଇଥିଲା। ପରେ ତା ୨୫.୧୧.୧୯୫୨ ରିଖ ଠାରୁ ଏହା ଏକ ସଂପୂର୍ଣ୍ଣ ଷ୍ଟେଜ୍ ସୋ' 'ଦି ମାଉସ ଟ୍ରାପ୍' ନାମରେ ପରିବର୍ତ୍ତିତ ହୋଇ 'ପୂର୍ଣ୍ଣ ପେ୍ରକ୍ଷାଳୟ'ରେ ଆଜି ପର୍ଯ୍ୟନ୍ତ (ପ୍ରାୟ ୭୦ ବର୍ଷ ) ପ୍ରଦର୍ଶିତ ହୋଇ ସମଗ୍ର ବିଶ୍ୱରେ ଅବିଶ୍ୱସନୀୟ ରେକର୍ଡ ସୃଷ୍ଟି କରିଅଛି। ୨୦୦୨ ମସିହା ନଭେମ୍ବର ମାସ ୨୫ ତାରିଖରେ ଇଂଲଣ୍ଡର ରାଣୀ ମହାମହିମ କୁଇନ୍ ଏଲିଜାବେଥ-୨ୟ ଏହାର ୫୦ତମ ବାର୍ଷିକ ଉତ୍ସବରେ ଆୟୋଜିତ ଭବ୍ୟ ସମାରୋହରେ ଯୋଗ ଦେଇ ନାଟକଟିର ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ। କୋଭିଡ୍ କାରଣରୁ ନାଟକ ପ୍ରଦର୍ଶନ ଗତ ୧୬.୦୩.୨୦୨୦ ରୁ ୧୭.୦୫.୨୦୨୧ ପର୍ଯ୍ୟନ୍ତ ମୋଟ ୪୨୭ ଦିନ ବନ୍ଦ ରହିଥିଲା।

ସର୍ବପ୍ରଥମେ ନାଟକଟି ନଟିଂହାମ ରୟାଲ ଥିଏଟରେ ୦୬.୧୦. ୧୯୫୨ତାରିଖ ଦିନ ପ୍ରଦର୍ଶିତ ହେବା ପରେ ଅନ୍ୟ ଥିଏଟର ଗୁଡିକରେ ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ ହୋଇଥିଲା। ନାଟକର ପ୍ରଦର୍ଶନ କିଛିଦିନ ଚାଲିବା ପରେ ନିର୍ଦ୍ଦେଶକ ଏହାର ଶେଷ ଦୃଶ୍ୟକୁ ବଦଳାଇ ଦେଉଥିଲେ ଏବଂ ଦର୍ଶକ ମାନଙ୍କୁ ଏହି ନୂତନ ଦୃଶ୍ୟ ବିଷୟରେ ଅନ୍ୟକୁ ନ କହିବା ପାଇଁ ନିବେଦନ କରୁଥିଲେ। ବୋଧହୁଏ ପ୍ରତିଦିନ ନୂଆ ନୂଆ ଦର୍ଶକ ମାନଙ୍କୁ ଆକର୍ଷିତ କରିବା ପାଇଁ ପରିଚାଳନା କର୍ତ୍ତୃପକ୍ଷଙ୍କର ଏହା ଏକ ସୁଚିନ୍ତିତ କୌଶଳ ଥିଲା।

ଅପରାଧ ମୂଳକ କଥା ସାହିତ୍ୟର ସମ୍ରାଜ୍ଞୀ ଅଗାଥା କ୍ରୀଷ୍ଟି ତାଙ୍କର ଜୀବନକାଳ ଭିତରେ ୧୦୦ରୁ ଅଧିକ ରହସ୍ୟ ରୋମାଞ୍ଚ ଭରା ଉପନ୍ୟାସ, ୨୧ଟି ସାମାଜିକ ନାଟକ, ଅନେକ ଗୁଡିଏ ଗଳ୍ପ ସଂକଳନ ସହିତ ମାତ୍ର ଦୁଇ ଅଙ୍କରେ ଶେଷ ହୋଇଥିବା ନିଜର ଜୀବନ ଚରିତ ମଧ୍ୟ ଲେଖିଛନ୍ତି। ଏହା ବ୍ୟତିତ ସେ 'ମେରି ବେଷ୍ଟାମାକୋଟ' ଛଦ୍ମନାମରେ ୬ ଟି ରୋମାଣ୍ଟିକ ଉପନ୍ୟାସ ମଧ୍ୟ ଲେଖିଥିଲେ। ଅଗାଥା କ୍ରୀଷ୍ଟିଙ୍କ ଦ୍ୱାରା ଲିଖିତ ପୁସ୍ତକ ଗୁଡିକର ବିକ୍ରୟ ପରିମାଣ ହେଉଛି ୧୦୦ କୋଟିରୁ ଅଧିକ ! ତାଙ୍କର କାହାଣୀକୁ ନେଇ ଅନେକ ଚଳଚିତ୍ର ନିର୍ମିତ ହୋଇଅଛି ଏବଂ ସେଥିରୁ ଅନେକ ସୁପରହିଟ୍ ହୋଇଅଛି । ଏଥିମଧ୍ୟରୁ ଅନ୍ୟତମ ଚଳଚିତ୍ର 'ମର୍ଡର ଅନ ଦି ଓରିଏନ୍‌ଟ ଏକ୍ସପ୍ରେସ'କୁ ଏକାଡେମୀ ଆୱାର୍ଡ ମିଳିଥିଲା। ଏହାଛଡା 'ଉଇଟ୍‌ନେସ ଫର ପ୍ରସିକ୍ୟୁସନ', 'ଡେଥ୍ ଅନ ନାଇଲ୍' ଓ 'ଇଭିଲ୍ ଅଣ୍ଡର ଦି ସନ' ଇତ୍ୟାଦି ଚଳଚିତ୍ର ସେ ସମୟରେ ବିପୁଳ ସଫଳତା ହାସଲ କରିଥିଲା । ଅପରାଧ କଥା, ରହସ୍ୟ ରୋମାଞ୍ଚ ତଥା ରୋମାଣ୍ଟିକ୍ ଭରା ସାହିତ୍ୟ ଛଡା ସେ ନିଜର ସ୍ୱାମୀ 'ମାକ୍ସ ମାଲଉଆନ'ଙ୍କ ସହଯୋଗରେ ପୁରାତତ୍ତ୍ୱ ସମ୍ବନ୍ଧରେ ଏକ ପୁସ୍ତକ ରଚନା କରିଥିଲେ ଯାହାକି ପରବର୍ତ୍ତୀ କାଳରେ ଏହା ଏକ 'ପ୍ରାମାଣିକ ସୂଚନା ପୁସ୍ତକ' ରୂପେ ଗୃହିତ ହୋଇଥିଲା। କ୍ରୀଷ୍ଟିଙ୍କ ଲିଖିତ କେତେକ ବିଖ୍ୟାତ ପୁସ୍ତକ ମଧ୍ୟରୁ 'ଡେଥ ଅନ ଦି ନାଇଲ', 'ଦି ମର୍ଡର ଅଫ୍ ରୋଗର', 'ମର୍ଡର ଅନ ଦି ଓରିଏନ୍ଟ ଏକ୍ସପ୍ରେସ' , 'ଆଣ୍ଡ ଦେନ ଦେଆର ୱେର ନନ', 'ଦି ଏ.ବି.ସି. ମର୍ଡର୍‌ସ', 'କ୍ରୁକ୍‌ଡ ହାଉସ', 'ଏଣ୍ଡଲେସ ନାଇଟ', 'ଦି ମାଉସ ଟ୍ରାପ', 'ପେରିଲ ଆଟ ଏଣ୍ଡ ହାଉସ' ଓ 'ଫାଇଭ ଲିଟଲ ପିଗ୍‌ସ' ଇତ୍ୟାଦି ବିଶ୍ୱ ପ୍ରସିଦ୍ଧ।

ବିଶ୍ୱ ସାହିତ୍ୟ ଦୁନିଆର ଏହି ଅଦ୍ୱିତୀୟ ପ୍ରତିଭା ଅଗାଥା କ୍ରୀଷ୍ଟିଙ୍କ ଜନ୍ମ ସନ ୧୮୯୦ ସେପ୍ଟେମ୍ବର ମାସ ୧୫ ତାରିଖ ଦିନ ଇଂଲଣ୍ଡର ତାରକେ ନାମକ ଏକ ସହରତଳି ତଟବର୍ତ୍ତୀ ଅଞ୍ଚଳରେ ହୋଇଥିଲା। ନିଜଘରେ ସେ ପ୍ରାଥମିକ ଶିକ୍ଷାଲାଭ କରିଥିଲେ । ପରବର୍ତ୍ତୀ ସମୟରେ ପ୍ୟାରିସରେ ସଂଗୀତ ଶିକ୍ଷା କରିଥିଲେ। ସେ ମାତ୍ର ୨୦ ବର୍ଷ ବୟସରେ ଲେଖାଲେଖି ଆରମ୍ଭ କରିଥିଲେ। ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଅଗାଥା ନର୍ସ ଭାବରେ ସୈନିକ ହାସପାତାଳରେ

> **ଆଜି ଯଦି କେହି ଯଦି କହେ ଯେ ବିଗତ ୭୦ ବର୍ଷହେଲା ଗୋଟିଏ ମଞ୍ଚ ନାଟକ ଆଜିପର୍ଯ୍ୟନ୍ତ ପୂର୍ଣ୍ଣ ପେକ୍ଷାଳୟରେ ପ୍ରଦର୍ଶିତ ହୋଇ ଆସୁଅଛି, ଆପଣ ଏହା ବିଶ୍ୱାସ କରିବେ କି ? ମାତ୍ର ଏହା ସତ୍ୟ। ଇଂଲଣ୍ଡର ଥିଏଟର ଗୁଡିକରେ ବିଶ୍ୱ ବିଖ୍ୟାତ ଲେଖିକା ତଥା ଅପରାଧ କଥା ସାହିତ୍ୟର ସ୍ରଷ୍ଟା 'ଅଗାଥା କ୍ରୀଷ୍ଟି'ଙ୍କ ରଚିତ ନାଟକ 'ଦି ମାଉସ୍ ଟ୍ରାପ', ଗତ ୨୫.୧୧.୧୯୫୨ ରୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ପ୍ରଦର୍ଶିତ ହେଉଅଛି ଯାହାର ଦୃଷ୍ଟାନ୍ତ ବିଶ୍ୱ ଇତିହାସରେ ବିରଳ।**

କାର୍ଯ୍ୟ କରିଥିଲେ। ସେଦିନ ଗୁଡିକର ବହୁ ଅନୁଭବ ଓ ଅଭିଜ୍ଞତା ତାଙ୍କୁ ପରବର୍ତ୍ତୀ ସମୟରେ ଲେଖାଲେଖି କରିବା ପାଇଁ ପ୍ରୋତ୍ସାହିତ କରିଥିଲା। ୧୯୧୫ ମସିହାରେ ସେ ତାଙ୍କର ପ୍ରଥମ ଉପନ୍ୟାସ 'ଦି ମିଷ୍ଟ୍ରିଅସ୍ ଆଫେୟାର ଆଟ୍ ଷ୍ଟାଇଲସ୍' ଲେଖିଥିଲେ ଯାହାକି ପ୍ରଥମ ବିଶ୍ୱଯୁଦ୍ଧ କାରଣରୁ ବିଳମ୍ବରେ ୧୯୨୦ ମସିହାରେ ଆମେରିକାରେ ପ୍ରକାଶିତ ହୋଇଥିଲା। ଏଥିରେ ମୁଖ୍ୟ ଚରିତ୍ର ଭାବରେ ହରକ୍ୟୁଲେ ପାଇରେଟସ ନାମକ ଜଣେ ଅବସରପ୍ରାପ୍ତ ପୋଲିସ ଇନ୍‌ସପେକ୍ଟରଙ୍କୁ କଥିତ ଡିଟେକଟିଭ ରୂପେ ଉପାସ୍ଥାପନ କରାଯାଇଥିଲା ।

ପ୍ରଥମେ ପ୍ରଥମେ ସେ ଜଣେ ନୂଆ ଲେଖିକା ହୋଇଥିବାରୁ ଏହି ବହିଟିକୁ ପ୍ରକାଶ କରିବା ପାଇଁ କେହି ରାଜି ହୋଇ ନଥିଲେ। କିନ୍ତୁ ଥରେ ବହିଟି ଛପା ହୋଇଯିବା ପରେ ଡିଟେକ୍‌ଟିଭ ହରକ୍ୟୁଲେଙ୍କ ସହିତ ଲେଖିକା ଅଗାଥାଙ୍କ ନାମ ସମଗ୍ର ୟୁରୋପରେ ବିଖ୍ୟାତ ହୋଇ ଯାଇଥିଲା। ବହିଟିର ପ୍ରକାଶନ ପରେ ପାଠକ ମାନଙ୍କର ଅଜସ୍ର ପ୍ରଶଂସା ସହିତ ବୌଦ୍ଧିକ ଜଗତର ଆଗ ଧାଡିରେ ଥିବା ବିଦ୍ୱାନ ଓ ଶିକ୍ଷାବିତ୍‌ମାନେ ତାଙ୍କର ତର୍କଶକ୍ତି ଓ ବୁଦ୍ଧି ପ୍ରଖରତାର ଶତମୁଖ ହୋଇ ଉଠିଥିଲେ। ନିଜର ବିଶେଷ ଲେଖନ ଶୈଳୀ ନିମନ୍ତେ ସେ ଦେଶୀୟ ତଥା ଅନ୍ତଃର୍ଜାତୀୟ ସ୍ତରରେ ବହୁ ପୁରସ୍କାର ଲାଭ କରିଥିଲେ। ୧୯୫୪ରେ ଆମେରିକାର ରହସ୍ୟ ରୋମାଞ୍ଚ ଲେଖକ ସଂଘ ତାଙ୍କୁ 'ଗ୍ରାଣ୍ଡ ମାଷ୍ଟର ଅଫ୍ କ୍ରାଇମ' ଆୱାର୍ଡ ପ୍ରଦାନ କରିଥିଲେ।୧୯୫୫ ରେ ସେ ମିଷ୍ଟ୍ରି ରାଇଟର୍ସ ଅଫ ଆମେରିକା ସଂସ୍ଥା ତରଫରୁ ଗ୍ରାଣ୍ଡ ମାଷ୍ଟର ଆୱାର୍ଡ ଲାଭ କରିଥିଲେ। ସେହି ବର୍ଷ ତାଙ୍କର ନାଟକ 'ଉଇଟନେସ ଫର ଦି ପ୍ରସିକ୍ୟୁସନ' ପାଇଁ ସେ ସମ୍ମାନଜନକ 'ଏଡଗାର ଆୱାର୍ଡ ହାସଲ କରିଥିଲେ। ତାଙ୍କର ନିଜ ଦେଶ ଇଂଲଣ୍ଡରେ ୧୯୫୬ ମସିହାରେ ଅର୍ଡର ଅଫ ଡେମ୍ କମାଣ୍ଡର ଅଫ୍ ବ୍ରିଟିଶ ଏମ୍ପାୟାର ଏବଂ ୧୯୭୧ରେ ଡେମ୍ କମାଣ୍ଡର ଅଫ୍ ଦି ଅର୍ଡର ଅଫ ଦି ବ୍ରିଟିଶ ଏମ୍ପାୟାର (ସାହିତ୍ୟ କ୍ଷେତ୍ରରେ ସର୍ବୋଚ୍ଚ ପୁରସ୍କାର) ଆୱାର୍ଡ ହାସଲ କରିଥିଲେ। ୟୁରୋପ ମହାଦେଶରେ ସେ 'ଡଚେସ୍ ଅଫ୍ ଡେଥ' ଉପନାମରେ ପରିଚିତ ଥିଲେ। ୨୫,୦୬,୨୦୧୦ରେ ପ୍ରକାଶିତ ଡଚେସ୍ ଅଫ ଡେଥ ହେଉଛି ରିଚାର୍ଡ ହକ୍‌ଙ୍କ ଦ୍ୱାରା ରଚିତ ଅଗାଥାଙ୍କ ଜୀବନୀ ପୁସ୍ତକ ଯାହାକି ରିଚାର୍ଡ ଅନଧିକୃତ ଭାବେ ଲେଖିଥିଲେ। ତାଙ୍କ ଲିଖିତ କାହାଣୀ ଗୁଡିକ ଟି.ଭି, ରେଡିଓ, ଭିଡିଓ ଗେମ୍ ଓ ଗ୍ରାଫିକ ଉପନ୍ୟାସ ଇତ୍ୟାଦିରେ ଛାଇ ଯାଇଥିଲା। ତାଙ୍କର କାହାଣୀ ଆଧାରରେ ୩୦ରୁ ଅଧିକ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର ମଧ୍ୟ ନିର୍ମାଣ ହୋଇଥିଲା।

ଜୀବନର ଅନ୍ତିମ ଦିବସ ପର୍ଯ୍ୟନ୍ତ ଲେଖି ଚାଲିଥିବା ଏହି ମହାନ ଲେଖିକା 'ଅପରାଧ ସାହିତ୍ୟର ସାମ୍ରାଜ୍ଞୀ' ଅଗାଥା କ୍ରୀଷ୍ଟିଙ୍କର ମୃତ୍ୟୁ ୧୯୭୬ ମସିହା ଜାନୁଆରୀ ମାସ ୧୨ ତାରିଖ ଦିନ ହୋଇଥିଲା।

**-ପ୍ରସନ୍ନ କୁମାର ମିଶ୍ର**
**ମୋ-୮୦୧୮୮୭୫୩୩୫**








# ଦିବ୍ୟାଙ୍ଗ କଳାକାରଙ୍କ ପ୍ରେରଣାର ଉତ୍ସବ: ଗୁରୁ ଦକ୍ଷିଣା





ଜୀବନରେ ଜଣେ ଦିବ୍ୟାଙ୍ଗ ହେବା ପରେ ଭାବେ ଦୁନିଆ ପାଇଁ ସେ ମୂଲ୍ୟହୀନ ହୋଇଯାଇଛି। ଜୀବନରେ ସେ ଆଉ କିଛି କରିପାରିବ ନାହିଁ। ଏଣୁ ସେ ଭାଙ୍ଗି ପଡ଼େ। କେବେକେବେ ଦେଖାଯାଏ ଏହି ଦିବ୍ୟାଙ୍ଗଙ୍କୁ ପରିବାର ବି ପର କରି ଦିଏ। ବୋଝ ଭାବି ପରିବାର ଦୂରେଇ ଦିଏ। ଅନେକ ବି ଅଛନ୍ତି, ଭାଗ୍ୟର ବିଡ଼ମ୍ବନାରେ ଜୀବନରେ ଏମିତି ଏକ ଦୁର୍ଘଟଣାର ସାମ୍ନା କରିବାକୁ ପଡ଼େ, ଜୀବନ ବି ସାଙ୍ଗରେ ଯିବାକୁ କହି ହାତ ଛାଡ଼ି ଦିଏ। ଏଭଳି ପରିସ୍ଥିତିରେ ନିଜ ମନୋବଳକୁ ଦୃଢ଼ କରି ଯେଉଁମାନେ ପ୍ରତିକୂଳକୁ ସାମ୍ନା କରି ଆଗକୁ ଆସିଛନ୍ତି ଓ କିଛି ନୂଆ କରି ଦୁନିଆକୁ ଦେଖେଇ ଦେଇଛନ୍ତି, ସେମାନେ ହିଁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେହିମାନେ ସମାଜରେ ଉଦାହରଣୀୟ ବ୍ୟକ୍ତିତ୍ୱ ସାଜିଛନ୍ତି। ସେମିତି ଜଣେ ବ୍ୟକ୍ତି ହେଲେ ଏକପାଦ ନୃତ୍ୟଗୁରୁ ନିତ୍ୟାନନ୍ଦ ଦାସ। ବାଲ୍ୟକାଳରୁ ନୃତ୍ୟ ପ୍ରତି ଦୁର୍ବଳତା ଥିବାରୁ ଜଣେ ନୃତ୍ୟଶିଳ୍ପୀ ଓ ଗୁରୁ ଭାବରେ ବେଶ ସୁନାମ ଅର୍ଜନ କରିଥିଲେ। ଉଭୟ ଶାସ୍ତ୍ରୀୟ ଓ ଆଧୁନିକ ନୃତ୍ୟରେ ବେଶ୍ ପାରଙ୍ଗମ ଥିଲେ। ଭାଗ୍ୟ କିନ୍ତୁ ତାଙ୍କୁ ସାଥ୍ ଦେଇ ନଥିଲା। ଏକ ସଡ଼କ ଦୁର୍ଘଟଣାରେ ସେ ଗୁରୁତର ଭାବରେ ଆହତ ହୋଇଥିଲେ ଓ ଶେଷରେ ନିଜର ଗୋଟେ ଗୋଡ଼ ହରାଇ ବସିଥିଲେ। ଜଣେ ନୃତ୍ୟଗୁରୁ ଯଦି ଗୋଡ଼ ହରାଇ ବସେ, ଜୀବନ ଯେମିତି ତାଙ୍କ ପାଇଁ ଅଭିଶାପ ପାଲଟିଯାଏ। ସେ ଡ଼ାକ୍ତରଖାନାରୁ ଫେରିବା ପରେ ଖୁବ୍ ଭାଙ୍ଗି ପଡ଼ିଥିଲେ। ଯେଉଁଠି ସେ ଚାଲିବାକୁ ଅକ୍ଷମ, ଏ ଦୁନିଆ ଦାଣ୍ଡରେ କିଏ ରାହା ଯୋଗାଇବ! କିନ୍ତୁ ସେ ଭାଙ୍ଗି ପଡ଼ି ନଥିଲେ। ନିଜ ମନୋବଳକୁ ଦୃଢ଼ କରି ପୁଣିଥରେ ନାଚିବାକୁ ମନ ବଳାଇଲେ। ହେଲେ ଗୋଡ଼ ତ ନାହିଁ ନାଚିବେ କେମିତି ? ଏ କଥା ଯାହାକୁ କହିଲେ, ସମସ୍ତେ ହସି ଉଡ଼େଇ ଦେଲେ ସିନା କେହି କିନ୍ତୁ ଉତ୍ସାହିତ କଲେନାହିଁ। କିନ୍ତୁ ଏହିକଥା ନିଜର ଗୁରୁ ବିମ୍ବାଧର ଦାସଙ୍କୁ କହିବା ପରେ ସେ ଯେମିତି ନିତ୍ୟାନନ୍ଦଙ୍କୁ ଆଉ ଏକ ନୂଆ ଜୀବନ ଦେଲେ। ନିତ୍ୟାନନ୍ଦ ନେଲେ ଆଉ ଏକ ପୁର୍ନଜନ୍ମ। ଗୁରୁ ବିମ୍ବାଧର ଦାସ, ହାତ ଧରି ନାଚ ଶିଖେଇଲେ। ଏକଗୋଡ଼ରେ ଅନେକ ନିଷ୍ଠା ଓ ସାଧନା ବଳରେ ଗୁରୁ ନିତ୍ୟାନନ୍ଦ ଦାସ ନାଚ ଶିଖିଲେ। ତାଙ୍କ ସହ ଯୋଡ଼ି ହୋଇଗଲେ ତାଙ୍କର ପ୍ରିୟସଖା ଗୁରୁ ବିଜୟ କୁମାର ଦାଶ। ଉଭୟଙ୍କୁ ନେଇ ସଂରଚନା ହେଲା ନୃତ୍ୟ। ପ୍ରଥମେ ସେ 'ପଙ୍ଗୁ ଲଙ୍ଘୟତେ ଗିରି' ନାମକ ଏକ ନୃତ୍ୟ ସଂରଚନାରେ ମଞ୍ଚରେ ପୁନଃ ନୃତ୍ୟାରମ୍ଭ କଲେ। କେବଳ ଓଡ଼ିଶା କାହିଁକି ସେ ଦେଶବିଦେଶରେ ଏକପାଦରେ ନୃତ୍ୟ କରି ସମସ୍ତଙ୍କୁ ଚମକେଇ ଦେଲେ। ଏଭଳିକି ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ରିଏଲିଟି ସୋ'ରେ ଭାଗ ନେବା ଓ ସଫଳତା ପାଇବା ସହ ବିଶ୍ୱର ଅନେକ ଦେଶରୁ ନୃତ୍ୟ କରିବାକୁ ଆମନ୍ତ୍ରଣ ମଧ୍ୟ ପାଇଲେ। ଯେଉଁ ପାଦ ହରାଇ ଦିନେ ସେ ଭାଙ୍ଗି ପଡ଼ିଥିଲେ, ସେ ଆଜି ବିଶ୍ୱରେ ଜଣେ ଏକପାଦୀ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ଗୁରୁ ଭାବରେ ଲୋକପ୍ରିୟତା ଅର୍ଜନ କରିପାରିଛନ୍ତି। ଯଦି ସେ ନିଜେ କ୍ଷେତ୍ରରେ ନିଜ ମନୋବଳ ଦୃଢ଼ କରି ଆଗକୁ ଯାଇପାରିଲେ ଓ ଉଦାହରଣ ସୃଷ୍ଟି କରିପାରିଲେ, ଅନ୍ୟମାନେ କାହିଁକି କରିପାରିବେନି। ଏଣୁ ସେ କଳାଶ୍ରମ ନାମକ ଏକ ଅନୁଷ୍ଠାନ ସ୍ଥାପନା କରି ଦିବ୍ୟାଙ୍ଗ ପିଲାଙ୍କୁ ନୃତ୍ୟ ଶିଖାଇବା ଆରମ୍ଭ କଲେ। ସେମାନଙ୍କୁ ଉତ୍ସାହିତ କରି ଗୁରୁ-ଶିଷ୍ୟର ପରମ୍ପରାକୁ ଉଜ୍ଜୀବିତ କରିବାକୁ 'ଗୁରୁ ଦକ୍ଷିଣା' ନାମକ ଏକ ମହୋତ୍ସବ ମଧ୍ୟ ପ୍ରତିବର୍ଷ ଆୟୋଜନ କଲେ। ଆଜି ୧୯ବର୍ଷରେ ପଦାର୍ପଣ କରିଛି ଗୁରୁ ଦକ୍ଷିଣା ମହୋତ୍ସବ। ତିନିଦିନ ଧରି ଚାଲୁଥିବା ଏହି ମହୋତ୍ସବ ଓଡ଼ିଶା ତଥା ଓଡ଼ିଶା ବାହାରୁ ଅନେକ ବିଶିଷ୍ଟ କଳାକାରମାନେ ଆସି ସେମାନଙ୍କ କଳା ପ୍ରଦର୍ଶନ କରିବା ସହ ଦିବ୍ୟାଙ୍ଗ କଳାକାରଙ୍କୁ ମଧ୍ୟ ବେଶ୍ ପ୍ରୋତ୍ସାହନ ଦେଇଥାନ୍ତି। ପ୍ରତିବର୍ଷ କଳାଶ୍ରମ ପକ୍ଷରୁ ଆୟୋଜନ କରାଯାଉଥିବା ଏହି ମହୋତ୍ସବ ଦିବ୍ୟାଙ୍ଗଙ୍କୁ ମୁଖ୍ୟସ୍ରୋତକୁ ଆଣିବା ଓ ସେମାନଙ୍କ ମନୋବଳ ଦୃଢ଼ କରିବାକୁ ଏହା ଏକ ପ୍ରୟାସ ବୋଲି ଅନୁଷ୍ଠାନର ସଂପାଦକ ତଥା ଏକପାଦ ନୃତ୍ୟଶିଳ୍ପୀ ଗୁରୁ ନିତ୍ୟାନନ୍ଦ ଦାସ କହିଛନ୍ତି।

ସବୁବର୍ଷ ପରି ଏ ବର୍ଷ ମଧ୍ୟ ଗୁରୁ ଦକ୍ଷିଣା ଉତ୍ସବ ବେଶ ମନ ମୋହିଥିଲା ଦର୍ଶକଙ୍କର। ପ୍ରଥମ ଦିବସରେ କଳାଶ୍ରମ ପକ୍ଷରୁ ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମରୁ ଆରମ୍ଭ କରାଯାଇଥିଲା କାର୍ଯ୍ୟକ୍ରମ। ଏକକ ନୃତ୍ୟ ପରିବେଷଣରେ ଦିବ୍ୟାଙ୍ଗ କଳାକାର ଦ୍ରିଷ୍ଟି ଦିବ୍ୟାଂଶୀଙ୍କ ନୃତ୍ୟ ଥିଲା ବେଶ ଚିତାକର୍ଷକ। ଦୈତ ନୃତ୍ୟରେ ଗୁରୁ ସୁଜାତା ମହାପାତ୍ର ଓ ପ୍ରୀତିଶା ମହାପାତ୍ର, ନୃତ୍ୟାୟନ ପକ୍ଷରୁ ଓଡ଼ିଶୀ ନୃତ୍ୟ, ବିନାକେଶ୍ୱରୀ ନୃତ୍ୟମଞ୍ଜରୀ ପକ୍ଷରୁ ପାରମ୍ପାରିକ ଲୋକନୃତ୍ୟ, ମନ୍ଦିରା ନୃତ୍ୟାନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ପରିବେଷଣ କରାଯାଇଥିଲା। ପ୍ରଥମ ଦିନରେ ବର୍ଷିୟାନ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀରଙ୍କୁ ଗୁରୁ ଦକ୍ଷିଣା ସମ୍ମାନ ଓ ଗୁରୁ ସୁଜାତା ମହାପାତ୍ରଙ୍କୁ ସୃଜନଶୀଳ ପ୍ରତିଭା ପ୍ରଦାନ କରାଯାଇଥିଲା।

ଦ୍ୱିତୀୟ ସନ୍ଧ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାରର ଅନେକ କଳାକାର ଯୋଗ ଦେଇ ନିଜର କଳାନୈପୁଣ୍ୟ ପ୍ରଦର୍ଶନ କରିବା ସହ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଭାରତର ବିଶିଷ୍ଟ ମାଇମ୍ ଆର୍ଟିଷ୍ଟ ମଇନୁଲ ହକ୍‌ଙ୍କୁ 'ଗୁରୁ ଦକ୍ଷିଣା ସମ୍ମାନ-୨୦୨୪' ପ୍ରଦାନ କରାଯିବା ସହିତ ଗୁରୁ ଶ୍ରୀ ବ୍ରଜକିଶୋର ମଲ୍ଲିକଙ୍କୁ 'ସୃଜନଶୀଳ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ଆଜିର ସନ୍ଧ୍ୟାରେ ଦିବ୍ୟାଙ୍ଗ କଳାକାର ଅସିତ-ଅମିତ ଓ ଗୁରୁ କୁଳମଣୀ ସାହୁଙ୍କ ଦ୍ୱାରା ବଂଶୀବାଦନ କରାଯାଇଥିଲା। ସତ୍ୟବ୍ରତ ସାହୁ ଓ ସେମାନଙ୍କ ସାଥୀ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ ମାଇମ୍ ଆର୍ଟିଷ୍ଟ ମଇନୁଲ୍ ହକ୍ ନିଜର କଳା ପ୍ରଦର୍ଶନ କରିଥିଲେ। ଗୁରୁ ଲିଙ୍ଗରାଜ ସ୍ୱାଇଁ ଓ ସାଥୀ କଳାକାରଙ୍କ ଦ୍ୱାରା ଓଡ଼ିଶୀ, ମନୋଜ କୁମାର ବେହେରା ଓ ସାଥୀଙ୍କ ଦ୍ୱାରା ସାଂସ୍କୃତିକ ସନ୍ଧ୍ୟା ବେଶ ମନୋରମ ହୋଇଥିଲା



ଉଦ୍‌ଯାପନୀ ସନ୍ଧ୍ୟାରେ ଭାରତର ବିଶିଷ୍ଟ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକଗୁରୁ ଶ୍ରୀ ସୀତାକାନ୍ତ ମହାନ୍ତିଙ୍କୁ 'ଗୁରୁ ଦକ୍ଷିଣା ସମ୍ମାନ-୨୦୨୪' ପ୍ରଦାନ କରାଯିବା ସହିତ ଗୁରୁ ଶ୍ରୀ ଅଜୟ କୁମାର ଚୌଧୁରୀ 'ସୃଜନଶୀଳ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ନୃତ୍ୟାମ୍ରୀ ପକ୍ଷରୁ ଓଡ଼ିଶୀ ନୃତ୍ୟ, ମିଥିଳେଶ ପଟ୍ଟନାୟକ ଓ ମହିମା ଜେନାଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, କୋଲକାତାର ଦେବଯାନୀ ମିତ୍ର ଓ ଟ୍ରୁପ୍ ଦ୍ୱାରା କଥକ ନୃତ୍ୟ, ନୃତ୍ୟସୁଧା ଡ୍ୟାନ୍ସ ଏକାଡ଼େମୀ ପକ୍ଷରୁ ଓଡ଼ିଶୀ ଡ୍ୟାନ୍ସ ଡ୍ରାମା, ଦିଶା ଅନୁଷ୍ଠାନ ପକ୍ଷରୁ ଓଡ଼ିଆ ନାଟକ କଳିଯୁଗେ ଜଗନ୍ନାଥ ପରିବେଷଣ କରାଯାଇଥିଲା। ସୂଚନାଯୋଗ୍ୟ ଯେ ପ୍ରତିବର୍ଷ ଗୁରୁ ଦକ୍ଷିଣା ଉତ୍ସବରେ ଯେଉଁମାନଙ୍କୁ ଗୁରୁ ଦକ୍ଷିଣା ସମ୍ମାନ ପ୍ରଦାନ କରାଯାଇଥାଏ, ସେମାନଙ୍କୁ ସମ୍ମାନ ସ୍ୱରୂପ ୧୦ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଥାଏ।



*ଗୁରୁ ଦକ୍ଷିଣା ମହୋତ୍ସବ ହେଉଛି ଦିବ୍ୟାଙ୍ଗ କଳାକାରଙ୍କ ମନୋବଳ ଦୃଢ଼ କରିବାର ଏକ ଉତ୍ସବ। ଏହି କାର୍ଯ୍ୟକ୍ରମରେ ବିଶେଷକରି ଦିବ୍ୟାଙ୍ଗ କଳାକାରଙ୍କୁ କଳା ନୈପୁଣ୍ୟତା ପ୍ରଦର୍ଶନ କରିବାର ସୁଯୋଗ ସୃଷ୍ଟି କରିଥାଏ।*

ଅପେରା ଆଇଟମ୍

ଶ୍ରୀଗୋବିନ୍ଦ

## ଯାତ୍ରା କଥା:

# ଯାତ୍ରା ପାଇଁ ସେନ୍ସର ବୋର୍ଡ !

ଓଡ଼ିଆ ଯାତ୍ରା ନାଟକ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି ବୋଲି ଦର୍ଶକ ମତ ଦେଉଛନ୍ତି । ଏହା ଯଦି ସତ ହୋଇଥାଏ, ତାହାର କାରଣ ବି ଖୋଜିବାକୁ ପଡ଼ିବ । ସେମିତି ନୁହେଁ ଯେ ଓଡ଼ିଶାର ଭଲ ନାଟ୍ୟକାର/ନିର୍ଦ୍ଦେଶକ ନାହାନ୍ତି । ବିଭିନ୍ନ କାରଣରୁ ସେମାନେ ମଧ୍ୟ ନାଟକର ଗୁଣବତ୍ତାକୁ ଠିକ କରିପାରୁ ନାହାନ୍ତି । ବିଭିନ୍ନ ଚାପ ସହିତ ଖୁବ୍ କମ୍ ସମୟ ନାଟକ ପାଇଁ ଥିବାରୁ ଚରିତ୍ରକୁ ନ୍ୟାୟ ଦେଇ ପାରୁନାହାନ୍ତି । ନାଟକ ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ଆରମ୍ଭରେ ଚରିତ୍ରମାନଙ୍କ ମଧ୍ୟରେ ଦେଖିବାକୁ ମିଳେ, ତାହାର ସମାଧାନ ମଧ୍ୟ କରିବାକୁ ନାଟ୍ୟକାର ସମୟ ପାଇ ନଥାଏ । ନାଟକର ସମୟସୀମା କମିଯାଉଥିବାରୁ ନାଟ୍ୟକାର ଚରିତ୍ରକୁ ନେଇ ସେତିକି ଖେଳି ପାରେନାହିଁ । ଅନେକ ଚରିତ୍ର ଯେଉଁ ସମସ୍ୟାକୁ ନେଇ ନାଟକରେ ଉଭା ହୁଅନ୍ତି, ସେମାନଙ୍କର ଚରିତ୍ର ସହିତ କାହାଣୀର ସମାଧାନ କରୁ କରୁ ରାତି ପାହିଯାଇଥାଏ । ଫଳରେ ଅନେକ ନାଟକ ଅଧା ଦେଖିଲା ଭଳି ଲାଗେ । ନାଟକରେ ଯେଉଁ ଦ୍ୱନ୍ଦ୍ୱ ରହିବା କଥା ଆଜିକାଲି ରହୁନାହିଁ । ଦର୍ଶକଟିଏ ପରବର୍ତ୍ତୀ ଦୃଶ୍ୟରେ କଣ ହେବ ବୋଲି ଯଦି ଉତ୍ସୁକତା ନରହେ, ତାହେଲେ ସଫଳ ଭାବରେ ନାଟକ ହେଲା ବୋଲି କହିହେବନାହିଁ । ସଫଳ ନାଟକଟିଏ ପ୍ରସ୍ତୁତ କରିବାକୁ ଯେତିକି ସମୟ ଦରକାର, ତାହା ମିଳୁ ନଥିବାରୁ ଲେଖକ, ନିର୍ଦ୍ଦେଶକ ମାଲିକର ନିର୍ଦ୍ଦେଶରେ ଖୁବ୍ କମ୍ ସମୟରେ ସାରିବାକୁ ବାଧ୍ୟ ହେଉଛନ୍ତି । ଏଭଳି ଅନେକ ଘଟଣା ଦେଖିଲେ, ଲାଗୁଛି ଯେଉଁମାନଙ୍କ ହାତରେ ଓଡ଼ିଆ ଯାତ୍ରା ନାଟକ ପ୍ରଯୋଜନାର ଭାର ରହିଛି, ସେମାନେ ଯଦି ଏଭଳି ଭାବରେ ଆଉ କିଛି ବର୍ଷ ଯାତ୍ରା ପାର୍ଟି ଚଲାଇବେ, ବୋଧେ ଓଡ଼ିଆ ଯାତ୍ରା ଜଗତ ଓଡ଼ିଆ ସଂସ୍କୃତି ଓ ସାହିତ୍ୟକୁ ବଞ୍ଚାଇବା ବଦଳରେ ଅନେକ କ୍ଷତି କରିବ । ସେଥିପାଇଁ ସରକାର ଯାତ୍ରା ପାଇଁ ମଧ୍ୟ ସେନ୍ସର ବୋର୍ଡ ଗଠନ କରନ୍ତୁ ବୋଲି ଅନେକ ବୁଦ୍ଧଜୀବୀ ମତ ଦେଉଛନ୍ତି । କେଉଁ ପାର୍ଟି କି ନାଟକ କରିବ ପୂର୍ବରୁ ପ୍ରସ୍ତୁତ କରି ଯାଞ୍ଚ ହେବା ଦରକାର । ଯଦି ଓଡ଼ିଆ ଯାତ୍ରା ନାଟକକୁ ଏମିତି ବେଖିଆଲ ଭାବରେ ମଞ୍ଚସ୍ଥ କରାଯିବ କିଛି ବର୍ଷ ପରେ ସାହିତ୍ୟରେ ଥିବା ନାଟକ ବିଭାଗ ଅନ୍ୟ ଭାଷାଭାଷୀ ନାଟକ ସହିତ ସମକକ୍ଷ ହୋଇପାରିବ ନାହିଁ । ଶସ୍ତା ନାଟକ ଗୁଡ଼ିକ ଓଡ଼ିଆ ଅସ୍ମିତାକୁ ନଷ୍ଟ କରିଦେବ ।



## ଗୋଟେ ନାଚ ପାର୍ଟି ଆଉ ଗୋଟେ ଯାତ୍ରା ପାର୍ଟି ହେଉ

ଜଣେ ନିର୍ଦ୍ଦେଶକଙ୍କୁ ପଚରାଗଲା ଯଦି ନାଟକର ସମୟ ସୀମା କମ୍ କରି ମେଲୋଡିକୁ ଯାତ୍ରାପାର୍ଟି ଗୁରୁତ୍ୱ ଦିଏ, କଣ ଅସୁବିଧା ରହିଛି । ସେହି ବର୍ଷୀୟାନ ନିର୍ଦ୍ଦେଶକ ଜଣକ ମତ ଦେଇଥିଲେ, ଯାତ୍ରା ମାଲିକମାନେ ମେଲୋଡି ଆଉ ଯାତ୍ରାକୁ ନମିଶେଇ ଗୋଟେ ନାଟ ପାର୍ଟି ଆଉ ଗୋଟେ ଯାତ୍ରା ପାର୍ଟି କରନ୍ତୁ । ଯେଉଁଠି ନାଟକ ମଞ୍ଚସ୍ଥ ହେଉଛି ଦିନେ ନାଟକ ଆଉ ଦିନେ ନାଚ କରନ୍ତୁ । ଏହାଦ୍ୱାରା ନାଟକକୁ ଆଉ ନାଚ ପ୍ରଭାବିତ କରିବ ନାହିଁ । ନାଟକ ନାଁରେ ଯେତିକି ନାଚକୁ ଗୁରୁତ୍ୱ ଦିଆଯାଉଛି, ଦିନ ଆସିବ ବୋଧେ କ୍ରମବିବର୍ତ୍ତନ ଘଟି ଲୋକେ ଯାତ୍ରା ଠାରୁ ମୁହଁ ଫେରାଇ ନେବେ । ଯୁଗ ଯେମିତି ଭାବରେ ବଦଳୁଛି, ଅନେକ କିଛି କାଳ ଗର୍ଭରେ ନିଶ୍ଚିହ୍ନ ହୋଇଯାଇଛି । ଏମିତି ସମୟ କାହିଁକି ନଆସିବ, ଲୋକେ ଯାତ୍ରା ଭଳି ମନୋରଞ୍ଜନ ମାଧ୍ୟମକୁ ଅଣଦେଖା ନକରିବେ ବୋଲି ନିର୍ଦ୍ଦେଶକ ଜଣକ ମତ ଦେଇଥିଲେ । ସେ ମଧ୍ୟ କହିଥିଲେ ନିର୍ଦ୍ଦେଶକ ଓ ନାଟ୍ୟକାରମାନଙ୍କୁ ଅନେକ କ୍ଷେତ୍ରରେ ଅଣଦେଖା କରାଯାଉଛି, ଫଳରେ ଭଲ ନାଟକଟିଏ ପ୍ରସ୍ତୁତ କରିବାକୁ ସେମାନେ ସୁଯୋଗ ପାଉନାହାନ୍ତି । ଯାତ୍ରା ପାର୍ଟି ଆଉ ନାଚ ପାର୍ଟି ଅଲଗା କରାଗଲେ, ଯେଉଁମାନେ ନାଚ ଦେଖିବା କଥା ନାଚ ଦିନ ଆସିବେ, ଯେଉଁମାନେ ନାଟକ ଦେଖିବା କଥା ନାଟକ ପ୍ରଦର୍ଶିତ ଦିନ ଆସିବେ । ଫଳରେ ମେଲୋଡି ଦେଖି ପ୍ୟାଭିଲିୟନ ଫାଙ୍କା କରି ଚାଲିଯାଉଥିବା ଦର୍ଶକ ଓ ନାଟକକୁ ଭଲ ପାଉଥିବା ଦର୍ଶକ ମନ ଭରି ସେମାନଙ୍କ ମନ ମୁତାବକ ଜିନିଷ ଦେଖିପାରିବେ । ଓଡ଼ିଆ ଯାତ୍ରା ନାଟକ ଯେଭଳି ଭାବରେ ଅଣଦେଖା ହେଉଛି, ଆଉ ସେପରି ହେବନାହିଁ ବୋଲି ମତ ରଖିଥିଲେ । ସୌଖିନ ରଙ୍ଗମଞ୍ଚକୁ ପଛରେ ପକାଇଲା ବ୍ୟବସାୟିକ ଯାତ୍ରା ମଞ୍ଚ । ବର୍ତ୍ତମାନ ଯାତ୍ରାରେ ନାଟକୁ ପଛରେ ପକାଇଲାଣି ମେଲୋଡିରେ ହେଉଥିବା ନାଚଗୀତ । ତା ହେଲେ ଓଡ଼ିଶାରେ ନାଟକର ଗତି କୁଆଡ଼େ ବୋଲି ଓଲଟା ପ୍ରଶ୍ନ ରଖିଥିଲେ ଆମକୁ ମତ ଦେଉଥିବା ନିର୍ଦ୍ଦେଶକ । ଏଭଳି ଯଦି ଚାଲେ ଓଡ଼ିଶାର ନାଟକ ବିଭାଗ ମଧ୍ୟ ଦିନେ ଦୁର୍ବଳ ହୋଇଯିବ ବୋଲି କହିଥିଲେ ।






'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com